Postal Regd.No.:
BGR - 02/2021-2023
ବର୍ଷ - ୨୨ ■ ସଂଖ୍ୟା - ୨୮
Volum. - 22 ■ Issue No.- 28
Sunday ■ Balangir
ରବିବାର ■ ବଲାଙ୍ଗିର
www.koshalaprabaha.com

KOSHALA PRABAHA
କୋଶଳ ପ୍ରବାହ

R.N.I.No.: ODIODI/2000/03637 / ୦୫ ଜୁନ୍ - ୧୧ ଜୁନ୍ ୨୦୨୨ / 05 June - 11 June 2022 / Odia Weekly / 8 Pages / Rs.2/- only

# ବାହାଘର ସଂପନ୍ନ : ହରଗୌରୀଙ୍କ ଯୁଗଳ ଦର୍ଶନ ପାଇଲେ ଭକ୍ତ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ସହରରେ ଚଳିତ ବର୍ଷ ବେଶ୍ ଜମିଛି ଶୀତଳଷଷ୍ଠୀ ମହୋତ୍ସବ । ବିଗତ ଦୁଇ ବର୍ଷ ଧରି କୋଭିଡ଼ କଟକଣା ଯୋଗୁଁ ଶୀତଳଷଷ୍ଠୀ ପାଳନ କରିବାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ କଷ୍ଟ ପାଇଥିବା ବେଳେ ଚଳିତ ବର୍ଷ ବଡ଼ ଧୁମ୍‌ଧାମ୍‌ରେ ପାଳନ ଚାଲିଛି ହରଗୌରୀଙ୍କ ବିବାହୋତ୍ସବ । ସହରର ବିଭିନ୍ନ ଶୀତଳଷଷ୍ଠୀ କମିଟିଙ୍କ ପକ୍ଷରୁ ଶନିବାର ଦିନ ରାତିରେ ଶିବ ପାର୍ବତୀଙ୍କ ବାହାଘର ସଂପନ୍ନ ହୋଇଯାଇଥିବା ସୂଚନା ଦିଆଯାଇଛି । ବରପକ୍ଷ ପିତାମାତାଙ୍କ ଦ୍ୱାରା ବରଯାତ୍ରୀର ବିଶେଷ ଆୟୋଜନ ହୋଇଥିବା ବେଳେ ଆକର୍ଷଣୀୟ ଦୁଲ୍‌ଦୁଲି, ବ୍ୟାଣ୍ଡପାର୍ଟି, ଘଂଟବାଦ୍ୟ, କୀର୍ତ୍ତନ୍ୟ ତଥା ଅନ୍ୟାନ୍ୟ ନୃତ୍ୟ ପଟୁଆର ସହ ବରଯାତ୍ରୀ କନ୍ୟା ଘରେ ପହଂଚିଥିଲା । ବରଯାତ୍ରୀ ଦଳ କନ୍ୟା ଘରେ ପହଂଚିବା ପରେ କନ୍ୟାପକ୍ଷ ତରଫରୁ ବିଶେଷ ଭୋଜିଭାତର ଆୟୋଜନ ହୋଇଥିଲା । ରୀତିନୀତି ଅନୁସାରେ ବୈଦିକ ରୀତିରେ ମହାଦେବ ଓ ମା' ପାର୍ବତୀଙ୍କ ବାହାଘର ସଂପନ୍ନ ହୋଇଥିଲା । ରବିବାର ସକାଳୁ କନ୍ୟାଘରୁ ବରକନ୍ୟାଙ୍କୁ ବିଦାୟ ଦିଆଯାଇଥିବା ବେଳେ ଯାତ୍ରା କମିଟିର ସଦସ୍ୟମାନେ ଶିବପାର୍ବତୀଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ମଂଚରେ ହରଗୌରୀଙ୍କୁ ମଂଚାସୀନ କରିଥିଲେ ଏବଂ ଅସଂଖ୍ୟ ଭକ୍ତ ଓ ଶ୍ରଦ୍ଧାଳୁ ହରଗୌରୀଙ୍କ ଯୁଗଳ ଦର୍ଶନ କରିଥିଲେ । ମା' ପାର୍ବତୀ ଓ ମହାଦେବଙ୍କୁ ଦର୍ଶନ କରିବା ପାଇଁ ସହରରେ ପ୍ରବଳ ଭିଡ଼ ଜମିଥିବା ଅନୁମାନ କରାଯାଇଛି । ଏପରିକି ଆଖପାଖ ଗାଁଗୁଡ଼ିକରୁ ଭକ୍ତମାନେ ଆସି ଯୁଗଳ ମୂର୍ତ୍ତି ଦର୍ଶନ କରିଛନ୍ତି । ସୋମବାର ସକାଳୁ ଯୁଗଳ ମୂର୍ତ୍ତିଙ୍କ ଶୋଭାଯାତ୍ରା ପରେ ମହାଦେବ ମନ୍ଦିର ପ୍ରବେଶ କରିବେ ।



ଶିବ-ପାର୍ବତୀଙ୍କ ବିବାହୋତ୍ସବ
ଶୀତଳଷଷ୍ଠୀ ପର୍ବ ଅବସରରେ
କଂଟାବାଂଜି ନିର୍ବାଚନ ମଣ୍ଡଳୀର
ସମସ୍ତ ଜନସାଧାରଣଙ୍କୁ
ଅଭିନନ୍ଦନ ।



ସନ୍ତୋଷ ସିଂ ସାଲୁଜା
ବିଧାୟକ, କଂଟାବାଂଜି



# ରମ୍ୟ ରଚନା : ମୋବାଇଲ ମନ୍ଥନ



ଜୟଶ୍ରୀ ସାହୁ

ଯାହା ବି ହଉ, ବିଳମ୍ବରେ ହେଉ ପଛେ, ସୋସିଆଲ ମିଡିଆର ମହତ୍ୱ ଅନୁଭବି ହେଲା ଏତେ ଦିନ ପରେ। ଏଣିକି, ମୋବାଇଲ ଧରିବା ମାତ୍ରେ ଶିହରିତ ହେଇ ଯାଉଛି ମନପ୍ରାଣ। 'ଏ ଦେହ ଥିଲେ ସର୍ବ ପାଇ' ନ୍ୟାୟରେ ମୂଢମତି ଏତେ ଦିନକେ ବୁଝି ପାରିଲା ଯେ ନିରାକାର ଶୂନ୍ୟବ୍ରହ୍ମଙ୍କ ସାକାର ମୂର୍ତ୍ତୀ ହେଉଛି ମୋବାଇଲ ଫୋନ। ଜ୍ଞାନ, କର୍ମ, ଭକ୍ତିର ତ୍ରିବେଣୀ ସଂଗମ ଏ ନିଆରା ମାଧ୍ୟମ। ମୋବାଇଲ ନାହିଁ ତ ଜ୍ଞାନ ନାହିଁ। ଯେତେ ସାଧନା କରନ୍ତୁ, ଯେତେ ପାଠ ପଢିଥାନ୍ତୁ ପଛେ, ସୋସିଆଲ ମିଡିଆରେ ଖାତିର ନାହିଁ ତ' ବେକାର ଆପଣଙ୍କ ଯେତେ ବିଦ୍ୟା ବୁଦ୍ଧି ଜ୍ଞାନ। ଏଣୁ, ମନଧ୍ୟାନ ଦେଇ କରୁଥାନ୍ତୁ ଫେସବୁକ ଧ୍ୟାନ, ହ୍ୱାଟ୍ସଆପ କୀର୍ତ୍ତନ। ଆପଣ ନିଜେ ଅନୁଭବ କରି ସାରିଥିବେ, ବିଦ୍ୟାଦେବୀଙ୍କ କର ସ୍ପର୍ଶ ମାତ୍ରେ ମୁର୍ଖ କାଳିଦାସଙ୍କ ମସ୍ତିସ୍କରେ ତୁରନ୍ତ ଜ୍ଞାନ ସଂଚାର ପରି ମୋବାଇଲ ମାତାଙ୍କ ଦୟାରୁ ଆପଣଙ୍କ ମଗଜର ଝରକା କବାଟ ବି ଧଡ଼ଧାଡ଼ ଖୋଲିଯିବ। ମୋବାଇଲ ଥାଉ ଥାଉ ସେ ପୁରୁଣାକାଳିଆ ଢାଂଚାରେ ବର୍ଷ ବର୍ଷ ଧରି କେତେ ଆଉ ପାଠ ପଢିବେ ? ପୁଣି, ଡାକ୍ତରି ପଢିଲେ, ଇଞ୍ଜିନିୟରିଂ ନାଇଁ। କଳା ପଢିଲେ, ବିଜ୍ଞାନ ନାଇଁ। ଏବେ ଦେଖନ୍ତୁ, କେବଳ ଗୁଗୁଲ୍ ଓ ୟୁଟୁବ୍ ପ୍ରସାଦରୁ ଚିକିତ୍ସା, ଶିକ୍ଷା, ଧର୍ମ, ଦର୍ଶନରୁ ଆରମ୍ଭ କରି ଅର୍ଥନୀତି, ଜ୍ୟୋତିଷୀ ଆଦି ହରେକ ବିଷୟ ଉପରେ ଆପଣଙ୍କର ନାହିଁ ନ ଥିବା ଗୁରୁଜ୍ଞାନ ଆସିଯିବ। ଯେତେ ଥର, ଯେତେ ସମୟ ଧରି ଆପଣ ଏ ଡିଜିଟାଲ ମହୋଦଧିରେ ବୁଡ଼ ପକେଇବେ, ସେତିକି ଗଭୀର ଓ ପ୍ରଚଣ୍ଡ ହେବ ଆପଣଙ୍କ ବୋଧଶକ୍ତି। ଏଣିକି, ଲଜ୍ଜା ସରମ ଅପସରି ଯିବ ଓ ଷଣ୍ଢ ପରି ଜ୍ଞାନ ଲଢେଇରେ ମାତିଯିବେ। ଦକ୍ଷତା ଆପଣଙ୍କ ଏତେ ମାତ୍ରାରେ ବଢି ଯିବ ଯେ, କୌଣସି ବି ବିଷୟବସ୍ତୁ ଉପରେ ଆପଣ ଆଲୋଚନା, ବିତଣ୍ଡା ଯୁକ୍ତି ଓ ଆବଶ୍ୟକ ସ୍ଥଳେ ପାଟିତୁଣ୍ଡ, ବାଡିଆବାଡି ବି କରିପାରିବେ। ଏ ସର୍ବବ୍ୟାପୀ ମାଧ୍ୟମ ନିଜ ଗୁଣରେ ଆପଣଙ୍କୁ ସମଦର୍ଶୀ କରିବ ଆଉ ନିଜ ପର ଭେଦାଭେଦ ରହିବ ନାଇଁ। ପିଣ୍ଡ ବ୍ରହ୍ମାଣ୍ଡ ତତ୍ୱକୁ ଅନୁସରି ପ୍ରଚଣ୍ଡ ନିଦାଘରେ ନିଜ ଘରର ତାପମାତ୍ରା ୩୫ ଡିଗ୍ରୀ ଥିବା ସମୟରେ ଆପଣ ଅକାଟ୍ୟ ଯୁକ୍ତି କରି ପାରିବେ ଯେ ସମଗ୍ର ବ୍ରହ୍ମାଣ୍ଡର ତାପମାତ୍ରା ବି ସେଇ ୩୫ ଡିଗ୍ରୀ। ଏ ଡିଜିଟାଲ ଚଷମାର ବୈଶିଷ୍ଟ୍ୟ ହେଲା, ଏହା ପିନ୍ଧିବା ମାତ୍ରେ ଆପଣଙ୍କୁ ସର୍ବାଗ୍ରେ ଶିକ୍ଷକ ସମାଜର ଦୋଷତ୍ରୁଟି ଅଣୁ ପରମାଣୁ ପ୍ରମାଣେ ଦେଖାଯିବ ଓ ଏହି ପରଜୀବୀ ଗୋଷ୍ଠୀଙ୍କ ହାତରେ ଦେଶର ଭବିଷ୍ୟତ କଥା ଚିନ୍ତା କରି ଆପଣଙ୍କ ଆତ୍ମା କାନ୍ଦି ଉଠିବ। ଏ ପରାଙ୍ଗପୁଷ୍ଟ, ଅପାରଗ ଗୋଷ୍ଠୀଙ୍କୁ ଆପଣ ସୋସିଏଲ ମିଡିଆରେ ଯେତିକି ଗାଳି ଦେବେ, ଆପଣଙ୍କ ବ୍ୟକ୍ତିତ୍ୱ ସେତିକି ନିଖାରି ଉଠିବ ଓ ଆପଣଙ୍କ ଏ ଭାବମୂର୍ତ୍ତି ଆଗରେ ଆପଣଙ୍କ ସନ୍ତାନ ନତମସ୍ତକ ହେବାକୁ ବାଧ ହେବ।

ଗୁରୁଙ୍କ ମୂର୍ତ୍ତୀ ପ୍ରତିଷ୍ଠା କରି ଏକଲବ୍ୟ ମାରଣ ବିଦ୍ୟା ଶିଖିଗଲା ଅଥଚ ଅନ୍‌ଲାଇନ୍, ଅଫ୍‌ଲାଇନ୍ କ୍ଲାସ, ସେମିନାର, ଟିଉସନ ଆଦି ଯାହା କଲେ ବି ଆଜି କାଲିକା ପିଲାଙ୍କୁ ଆଜିକା ଶିକ୍ଷକ ତାରି ପାରିଲେନି ! ମହାଭାରତୀୟ ପରମ୍ପରା ଅନୁସରଣ କରି ସେଇ ପ୍ରାଚୀନ ଗୁରୁଙ୍କ ଆରାଧନା କରାଯାଉ, ଗୁରୁମୂର୍ତ୍ତୀ ସ୍ଥାପନ କରାଯାଉ। ଡିଜିଟାଲ ଯୁଗକୁ ଦେଖି ଗୁରୁମୂର୍ତ୍ତୀ ସେଇ ଅନୁଯାୟୀ ପ୍ରକାଣ୍ଡ ବି ହେଉ। ଖରା ବର୍ଷା, ଶୀତ କାକରରେ ଅବିଚଳିତ ହସହସ ଗୁରୁମୂର୍ତ୍ତୀଙ୍କୁ ଦେଖି ଏ ଅପାରଗ ଆଧୁନିକ ଅଧ୍ୟାପକ ଗୋଷ୍ଠୀ ବି ଶିଖିବେ, କେମିତି ଅଂଶୁଘାତ ପରି ପ୍ରାକୃତିକ ବିପର୍ଯ୍ୟୟକୁ ଚୁଟକିରେ ଉଡେଇ ଦିଆଯାଏ।

ସ୍ୱାମୀ ବିବେକାନନ୍ଦଙ୍କ ଯୋଗ୍ୟତମ ଦାୟାଦ ହିସାବରେ ପୁସ୍ତକ ସ୍ପର୍ଶ ମାତ୍ରକେ ଜ୍ଞାନପ୍ରାପ୍ତି ପରି ଯେ କୌଣସି ପୋଷ୍ଟ ଉପରେ ଆଖି ପଡିଯିବା ମାତ୍ରେ ଆପଣ ତତ୍‌କ୍ଷଣାତ ଦୋଷୀକୁ ଠଉରେଇ ତାକୁ ଅଭିଶାପ ଦେବା ଆରମ୍ଭ କରିଦେବେ। ଆପଣ ଉପଲବ୍ଧି କରିବେ, ମୋବାଇଲ ବ୍ୟବହାର ପରେ ଚିଠି ଲେଖାର ଦୁର୍ଦ୍ଦଶା ପରି ସୋସିଆଲ ମିଡିଆର ଆବିର୍ଭାବ ପରେ ଭାରତରେ କୋର୍ଟ କଚେରୀ, ଜଜ୍, ମାଜିଷ୍ଟ୍ରେଟ ଆଦିଙ୍କ କାମ ଖତମ୍ ହୋଇଯାଇ ଆପଣଙ୍କ କାମ ଆରମ୍ଭ ହେଇ ଯାଇଛି। ହଁ, ଫେସବୁକ, ହ୍ୱାଟ୍ସଆପର କମେଣ୍ଟ ଆଧାରରେ ମୋବାଇଲ ଭୋଟିଂ କରି ଦୋଷୀକୁ ଦଣ୍ଡ ଦେବା ବ୍ୟବସ୍ଥା ଚାଲୁ କଲେ ଭାରତୀୟ ନାଗରିକର ବହୁମୂଲ୍ୟ ଖଜଣା ପଇସା ବହୁ ପରିମାଣରେ ବଂଚିଯିବ, ଜନଗଣଙ୍କ ଉର୍ବର ମସ୍ତିଷ୍କ ଓ ବହୁମୂଲ୍ୟ ସମୟର ଉପଯୁକ୍ତ ବିନିଯୋଗ ହେବ ଓ ଭାରତରେ ଯଥାର୍ଥ ଗଣତନ୍ତ୍ର ପ୍ରତିଷ୍ଠିତ ହେବ ବୋଲି ଆପଣଙ୍କର ବି ଜ୍ଞାନୋଦୟ ହେଇସାରିଥିବ। ଏଣୁ ଆସନ୍ତୁ ମୋବାଇଲ ମନ୍ଥନରୁ ଅପୂର୍ବ, ଅଭିନବ ତଥ୍ୟ ହାସଲ କରି ତାର ଉପଯୋଗ କରି ନିଜକୁ ତଥା ଦେଶକୁ ଉନ୍ନତିର ମାର୍ଗରେ ଆଗେଇ ନେବା।

## ସଂପାଦକୀୟ

### ଶୀତଳଷଷ୍ଠୀ ଅନୁଚିନ୍ତା

ଦୀର୍ଘ ଦୁଇ ବର୍ଷର ବ୍ୟବଧାନ ପରେ ଚଳିତ ବର୍ଷ ଶୀତଳଷଷ୍ଠୀ ପର୍ବ ପାଳନର ସୁଯୋଗ ପାଇଛନ୍ତି ଜନସାଧାରଣ। କରୋନା ସଂକ୍ରମଣ ସମସ୍ୟା ଯୋଗୁଁ ଦୀର୍ଘ ଦୁଇ ବର୍ଷ କାଳ ନାନା ପ୍ରକାର କଟକଣାରେ ଛନ୍ଦି ହୋଇଥିଲା। ଚଳିତ ବର୍ଷ କଟକଣା ହଟିବା ପରେ ପୁଣି ଚଳଚଂଚଳ ମନେ ହେଉଛି ପର୍ବପର୍ବାଣୀ। ତେବେ ଚଳିତ ବର୍ଷ ବେଶ୍ ଧୁମ୍‌ଧାମ୍‌ରେ ମହାଦେବ ଓ ମା' ପାର୍ବତୀଙ୍କ ବିବାହୋତ୍ସବ ଶୀତଳଷଷ୍ଠୀ ପାଳନ ଚାଲିଛି। ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅପୂର୍ବ ଆନନ୍ଦ ଓ ଉତ୍ସାହ ପରିଲକ୍ଷିତ ହେଉଛି। ଅନ୍ୟପକ୍ଷରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବରେ ଉତ୍‌ଶୃଙ୍ଖଳତା ଓ ଅଶ୍ଳୀଳତା ପ୍ରଦର୍ଶନକୁ ନେଇ ଅନେକ ସମୟରେ ଚର୍ଚ୍ଚା ଜୋର୍ ଧରିଆସିଛି। ଏ ଦିଗ ପ୍ରତି ଆମେ ଯତ୍ନବାନ ହେବା ଆବଶ୍ୟକ।

ଆଦି ଦେବ ମହାଦେବ ଓ ମାତା ପାର୍ବତୀଙ୍କ ଆଶୀର୍ବାଦ ପ୍ରାପ୍ତି ପାଇଁ ଏହି ପର୍ବ ଆମେ ପାଳନ କରିଥାଉ। ଏହି ଉତ୍ସବରେ ପ୍ରଦର୍ଶିତ ହେଉଥିବା ସମସ୍ତ ଦୃଶ୍ୟ ଭକ୍ତି ରସ ଏବଂ ମହାଦେବଙ୍କ ପ୍ରତି ସମର୍ପିତ ହୋଇପାରିଲେ ଆମ ପୂଜନକର୍ମ ସଫଳ ହୋଇପାରିବ। କିନ୍ତୁ କେଉଁଠି କେମିତି କଳୁଷିତ ପାରମ୍ପରିକ ପ୍ରବାହ ଯୋଗୁଁ ଆମେ ବାଟ ହୁଡ଼ି ଯାଉଥିବା ଲକ୍ଷ୍ୟ କରାଯାଏ। ନାନା ପ୍ରକାର ନୃତ୍ୟକୁ କେହି ଅସ୍ୱୀକାର ନକଲେ ବି ବାଇ ନାଚରେ ଖୋଲମ୍‌ଖୋଲା ଅଶ୍ଳୀଳତାକୁ ଲୋକେ ଅନେକାଂଶରେ ନାପସନ୍ଦ କରନ୍ତି। ଉଦ୍‌ଭ୍ରାନ୍ତ ଯୁବ ସମାଜ ଏ ଦିଗରେ ସତର୍କ ହେବା ନିହାତି ଆବଶ୍ୟକ। ଯେତେବେଳେ ଆମେ ଆମର ସଂସ୍କୃତି ପରମ୍ପରାକୁ ରକ୍ଷା କରିବାକୁ ଯାଇ କୌଣସି ପର୍ବ ପାଳନ କରୁଛୁ, ସେଥିରେ ଏଭଳି ଶସ୍ତା ଉପାଦାନ ଯୋଡ଼ି ଆମ ସଂସ୍କୃତି ପରମ୍ପରା ପ୍ରତି କୁଠାରାଘାତ କରିବା ଆଦୌ ବାଂଛନୀୟ ନୁହେଁ। ଅବଶ୍ୟ ଚଳିତ ବର୍ଷ ଶୀତଳଷଷ୍ଠୀ ଶୋଭାଯାତ୍ରାରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କିଛିକାଂଶରେ କମିଛି, ଯାହା ନିହାତି ସ୍ୱାଗତଯୋଗ୍ୟ। ଆଗାମୀ ଦିନରେ ଏଭଳି ବିକୃତ ଅପରମ୍ପରା ପ୍ରତି ସମସ୍ତେ ଧ୍ୟାନ ଦେବା ଉଚିତ।

## ସିଧା କଥା ୦ ପ୍ରଫୁଲ୍ଲ କୁମାର ତ୍ରିପାଠୀ

### ଢେରା

- ହେ' ଯେନ୍ ବାରଂଡ଼ା ନ' ବସିକରି ବିଡ଼ି ପିଉଛନ୍, ସେ କିଏ ଆ'ନ୍?
- ସେ ପରେ ଆମର୍ ବାପା।
- ରିଟାୟାର୍ କଲେନ'?
- ହଁ।
- କେଭୁଁ?
- ସାତ୍ ବଛର୍ ହେଲା।
- ଇନ୍‌ତା ସବୁବେଲେ ବିଡ଼ି ପିଉଥିସନ୍?
- ଚାକ୍‌ରି କଲା ବେଲେ ସିଗ୍‌ରେଟ୍ ପିଉଥିଲେ।

********

- ଇ' ବାବୁ କିଏ ଆ'ନ୍?
- ମୋର୍ ଭାଏ। ଆରେ ନମସ୍କାର୍ କର୍ ଆଜ୍ଞାକୁଁ।
- ନ...ମ...ସ୍...କା...ର....।
- ହଁ ହଁ ଠିକ୍ ଅଛେ। କେନ୍ କିଲାସେ ପଢୁଛେ?
- ତିନ୍ ବଛର୍ ହେଲା ଦଶ କିଲାସେ।
- ଇଏ କାଣା ସବୁଦିନ' ଇନ୍‌ତା ଗଧା ଥିଲା?
- ନାଇଁ ଆଜ୍ଞା, ସପ୍ତମ ପଢ଼୍‌ଲା ବେଲେ ବୃତ୍ତି ପାଇଥିଲା।

*********

- ଘର୍ ଭିତ୍‌ରେ କିଏ ଖାସୁଛେ?
- ମୋ ମୋ ମାନେ ଆମର୍ ମାଁ।
- ସବୁବେଲେ ଇନ୍‌ତା ଖାସୁଥିସନ୍?
- ସାତ୍ ବଛର୍ ହେଲା.....

***********

- ଇ ସ୍କୁଟର୍ ବଘି କରି ଯେନ୍ ବାବୁ ଆଏଲେ ସେ କିଏ?
- ତାକୁଁ ମୁଇଁ ନେଇଁ ଚିହ୍ନି ଆଜ୍ଞା।
- ସ୍କୁଟର୍ ପଛ୍‌ଆଡ଼େ ଯେନ୍ ଟୁକେଲ୍‌ଟା ବସିଥିଲା?
- ସେ ମୋର ବହେନ୍ ଆଏ।
- ଦେଖୁଛେଁ ଆପଣ୍ ଖୋବ୍ ଖୁଲାମେଲା ମୁନୁଷ୍ ଆ'ନ୍।
- ଆପଣ କହୁଛନ୍ ବଏଲେ ହେଇଥିମି ଆଜ୍ଞା। ଆମର୍ ପାଶେ ଲୁକାଲା ବାଗିର୍ କିଛି ନାଇଁନ' ଆଜ୍ଞା।
- ହଉ, ଦରକାର୍ ହେଲେ ମୁଇଁ ଫେର୍ ଘାଏ ଆଏମି।
- ନମସ୍କାର ଆଜ୍ଞା, ନମସ୍କାର।




# ସୋସିଆଲ ମିଡିଆରେ ଅଶାଳୀନ ମନ୍ତବ୍ୟକୁ ନେଇ ଥାନାର ଦ୍ୱାରସ୍ଥ ହେଲେ ସିନାପାଲି ସାମ୍ବାଦିକ ସଂଘ



ନୂଆପଡା, (ନିପ୍ର) : ଜିଲ୍ଲା ସିନାପାଲି ବ୍ଲକ ସାମ୍ବାଦିକମାନଙ୍କ ବିରୁଦ୍ଧରେ ଜଣେ ଯୁବକ ସୋସିଆଲ ମିଡିଆରେ ଏକ ଅଶାଳୀନ ମନ୍ତବ୍ୟ ପୋଷ୍ଟ କରିଥିବା ଅଭିଯୋଗରେ ସିନାପାଲି ସାମ୍ବାଦିକ ସଂଘ ଥାନାର ଦ୍ୱାରସ୍ଥ ହୋଇଥିବା ସୂଚନା ମିଳିଛି । ସମ୍ପୃକ୍ତ ଯୁବକ ଜଣକ ସିନାପାଲି ଥାନା ହାତିବନ୍ଧା ନିବାସୀ ରୂପେଶ ମେହେର ବୋଲି ଜଣାପଡିଛି । ସୂଚନା ଅନୁସାରେ ସିନାପାଲିର ଜଣେ ଯୁବନେତା ସୋସିଆଲ ମିଡିଆରେ କୁସୁମଜୋର ଗ୍ରାମର ଏକ ଖବରକୁ ପ୍ରସାରଣ କରିଥିଲେ, ଉକ୍ତ ଖବର ପ୍ରସାରଣକୁ ନେଇ ହାତିବନ୍ଧା ଗ୍ରାମର ରୂପେଶ କୁମାର ମେହେର ଏକ ଅଶାଳୀନ ମନ୍ତବ୍ୟ ଦେଇଛନ୍ତି, ଯଦ୍ୱାରା ସାମ୍ବାଦିକମାନଙ୍କ ସ୍ୱାଭିମାନ ଉପରେ ଆଞ୍ଚ ଆସୁଥିବା ନେଇ ସାମ୍ବାଦିକ ସଂଘ କ୍ଷୋଭ ପ୍ରକାଶ କରିଛନ୍ତି । ଯାହା ସମାଜ ପ୍ରତି ତଥା ସାମ୍ବାଦିକଙ୍କ ପ୍ରତି ଅଶୋଭନୀୟ ଅଟେ । ଏଣୁ ଏହାର ତଦନ୍ତ କରି ସମ୍ପୃକ୍ତ ଯୁବକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସିନାପାଲି ଥାନାଧିକାରୀ ଉମ୍ବରୁଧର ପ୍ରଧାନଙ୍କୁ ସିନାପାଲି ସାମ୍ବାଦିକ ସଂଘ ଲିଖିତ ଅଭିଯୋଗ କରିଛି ।

# ସମାଜସେବୀଙ୍କ ହସ୍ତକ୍ଷେପ ପରେ କ୍ଷୀରଦେଇ ପାଇଲେ ହୁଇଲ୍ ଚେୟାର



ଭବାନୀପାଟଣା, (ନିପ୍ର) : ଲୋକଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବା ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା ମାନ କରିଛନ୍ତି । ହେଲେ ଲୋକମାନେ ସଚେତନ ନଥିବାରୁ କୌଣସି ସହାୟତା ପାଇବାରୁ ବଂଚିତ ହେଉଛନ୍ତି । ଏପରି ଏକ ସମସ୍ୟା ଦେଖିବାକୁ ମିଳିଥିଲା ଭବାନୀପାଟଣା ବ୍ଲକ କୁତରୁଖମାର ପଂଚାୟତ ରଙ୍ଗୀଗୁଡା ଗାଁରେ । ଗାଁର ଚମାର ନିଆଲ ଓ ଯମୁନା ନିଆଲଙ୍କ ଝିଅ କ୍ଷୀରଦେଇ ନିଆଳ ଜନ୍ମରୁ ଦିବ୍ୟାଙ୍ଗ ଥିଲେ । ତାଙ୍କୁ ବାହାରକୁ ନେବା ପାଇଁ ହେଲେ ତାଙ୍କର ପିତା କିମ୍ବା ମାତା ବୋହିକି ନେଉଥିଲେ । ପରିବାରର ପୋଷଣ ପାଇଁ ବାହାରକୁ କାମ କରିଯିବାକୁ ପଡିଥାଏ କିନ୍ତୁ ବାହାରକୁ କାମ ଗଲେ ଝିଅର ଦେଖାଶୁଣା କରିବାରେ ବହୁତ ଅସୁବିଧା ହେଉଥିଲା । ଏହିସବୁ ସମସ୍ୟାକୁ ଦେଖି ରଙ୍ଗୀଗୁଡା ଗାଁର ଆଶା ଜାନକୀ ନିଆଳ ସମାଜସେବୀ ଯଶୋବନ୍ତ ରଣାଙ୍କୁ ଜଣାଇଥିଲେ । ଶ୍ରୀ ରଣା ଖବର ପାଇ ତାଙ୍କର ଘରକୁ ଯାଇ ସମସ୍ତ ଡକୁମେଣ୍ଟ ସଂଗ୍ରହ କରି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତାଙ୍କ ସହ ଯୋଗାଯୋଗ କରି ଗୋଟିଏ ହୁଇଲ ଚେୟାର ଦେବାକୁ ନିବେଦନ କରିଥିଲେ । ଏହାକୁ ଗୁରୁତ୍ୱର ସହ ନେଇ ଶ୍ରୀ ହୋତାଙ୍କ ନିର୍ଦ୍ଦେଶରେ ଏକ ହୁଇଲ ଚେୟାର କ୍ଷୀରଦେଇଙ୍କୁ ପ୍ରଦାନ କରାଯାଇଛି । ସମାଜସେବୀ ଯଶୋବନ୍ତ ରଣା ଓ ତାଙ୍କର ସାଥୀ ମିଶି କ୍ଷୀରଦେଇଙ୍କ ଘରକୁ ଯାଇ ଏହି ହୁଇଲ ଚେୟାର ପ୍ରଦାନ କରିଥିଲେ । ହୁଇଲ ଚେୟାର ପାଇଲା ପରେ ତାଙ୍କର ପିତା ଚମାର ନିଆଳ ସମାଜସେବୀ ଯଶୋବନ୍ତ ରଣା, ଗୋକୁଳ ସାହୁ, ଡ଼ିଏସ୍ଏସ୍ଓ ଅଫିସରେ କାର୍ଯ୍ୟରତ ଅରୁଣ ମହାପାତ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# କେନ୍ଦୁପତ୍ର କର୍ମଚାରୀ ଭଗବାନ ଧରୁଆଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ପାଟଣାଗଡ଼, (ନିପ୍ର) : ପାଟଣାଗଡ଼ କେନ୍ଦୁପତ୍ର ସେକସନରେ କାର୍ଯ୍ୟରତ କେନ୍ଦୁପତ୍ର କର୍ମଚାରୀ ଭଗବାନ ଧରୁଆଙ୍କର ଚାକିରି କାଳ ଶେଷ ହୋଇଛି । ତାଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସଭା ସଭାପତି ରଘୁନାଥ ବାଗ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।

ଶ୍ରୀ ଧରୁଆ ଦୀର୍ଘ ୩୦ବର୍ଷ ଧରି କେନ୍ଦୁପତ୍ର ବିଭାଗରେ କାର୍ଯ୍ୟ କରୁଥିବା ବେଳେ କର୍ମଚାରୀଙ୍କ ମଧ୍ୟରେ ସୁସମ୍ପର୍କ ରଖିବା ସହିତ ପରସ୍ପର ମିଳିମିଶି କାମ କରୁଥିଲେ ବୋଲି ଉପସ୍ଥିତ କର୍ମଚାରୀ ସଂଘର ସଦସ୍ୟମାନେ ମତବ୍ୟକ୍ତ କରିଥିଲେ । ତାଙ୍କୁ ଉପଢୌକନ ଦେଇ ସ୍ୱାଗତ ଜଣାଇବା ସହ ତାଙ୍କର ସୁସ୍ଥ ନିରାମୟ ଜୀବନ ଯାପନ ଦୀର୍ଘାୟୁ କାମନା କରାଯାଇଥିଲା । ଏଥିରେ ପାଟଣାଗଡ଼ କେନ୍ଦୁପତ୍ର ବିଭାଗର ରେଞ୍ଜର୍ ଜଗନ୍ନାଥ ଦାସ ଫରେଷ୍ଟର ପ୍ରିୟବ୍ରତ ସାହୁ, ଅରୁଣ ଛୋରା, କେନ୍ଦୁପତ୍ର ସଙ୍ଘ ସମ୍ପାଦକ ଲଳିତ ମଲ୍ଲିକ, ଗିରିରାଜ୍ ଭୋଇ, ଘନ ଭୁଏ, ସଙ୍ଘ ଉପସଭାପତି ରଘୁନାଥ ବାଗ, ପଞ୍ଚାନନ ଧରୁଆ, ରମେଶ ଧରୁଆ, କୀର୍ତ୍ତନ ବରିହା, ଭୋଜରାଜ୍ ବରିହା, କୁଞ୍ଜ ବିହାରୀ ସାହୁ, ରଘୁ ଭୋଇ, ପୂର୍ଣ୍ଣ ବରିହାଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ସଂଘର ସଂପାଦକ ଗିରିରାଜ ଭୋଇ ସଭା ପରିଚାଳନା କରିଥିବା ବେଳେ ଲଳିତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିକଳାଙ୍ଗ ପ୍ରମାଣ ପତ୍ର ପାଇଁ ହିତାଧିକାରୀ ହଇରାଣ ହେଉଥିବା ଅଭିଯୋଗ



ବରଗଡ, (ନିପ୍ର) : ବରଗଡ ସିଡିଏମ୍ଓ ଅଫିସକୁ ବିକଳାଙ୍ଗ ପ୍ରମାଣ ପତ୍ର ପାଇଁ ପ୍ରବଳ ଗ୍ରୀଷ୍ମରେ ଆସିଥିବା ଅନେକ ହିତାଧିକାରୀ ନିରାଶ ହୋଇ ଫେରିଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ ପ୍ରତିମାସ ୩ ତାରିଖରେ ବିକଳାଙ୍ଗ ପ୍ରମାଣ ପତ୍ର ପାଇଁ ବହୁ ହିତାଧିକାରୀ ସରକାରୀ ଡାକ୍ତରଖାନାକୁ ଆସୁଥିବା ବେଳେ ଲୋକଙ୍କ ବିନା ସୂଚନାରେ ୧ ତାରିଖରେ ବିକଳାଙ୍ଗ ପ୍ରମାଣ ପତ୍ର ପାଇଁ ତାରିଖ ଧାର୍ଯ୍ୟ କରିଥିବାରୁ ଅନେକ ହିତାଧିକାରୀ ପ୍ରବଳ ଖରାରେ ବହୁ କଷ୍ଟରେ ଡାକ୍ତରଖାନାକୁ ଆସି ପୁଣି ଫେରିଥିବା ଅଭିଯୋଗ କରିଛନ୍ତି । ସୂଚନା ଯୋଗ୍ୟ ଯେ, ବରଗଡ଼ ଦେଓଗାଁ ଚଣ୍ଡିପାଲିର ୬୦ ବର୍ଷର ବୃଦ୍ଧ ଦୟା ଭୁଏ ଦୀର୍ଘ ୧୦ ବର୍ଷ ହେଲା ବିକଳାଙ୍ଗ ଅବସ୍ଥାରେ ଜୀବନ ଯାପନ କରୁଛନ୍ତି ଏପରିକି ତାଙ୍କର ସ୍ତ୍ରୀ ମଧ୍ୟ ଜଣେ ଶାରୀରିକ ଅକ୍ଷମ ବ୍ୟକ୍ତି ଅଟନ୍ତି । ହେଲେ ନା ପାଉଛନ୍ତି ଭତ୍ତା ନା କୌଣସି ସରକାରୀ ସୁବିଧା । କାରଣ ହେଲା ତାଙ୍କ ପାଖରେ ବିକଳାଙ୍ଗ ପ୍ରମାଣ ପତ୍ର ନାହିଁ । ବିକଳାଙ୍ଗ ପ୍ରମାଣ ପତ୍ର ଖଣ୍ଡିକ ପାଇଁ ବରଗଡ଼ ସହର ମଧ୍ୟରେ ଥିବା ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଗରୁ ଦୁଇ ଦୁଇଥର ଦୀର୍ଘ ୭ କିଲୋ ମିଟର ଦୂରରୁ ଆସି ଫେରିଯାଇଥିବା ବେଳେ ଆଜି ମଧ୍ୟ ଆସି ପ୍ରମାଣ ପତ୍ର ନପାଇ ଫେରିଯାଇଛନ୍ତି ଦୟା ଭୁଏ । କାରଣ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରତ୍ୟକ ମାସ ୧ ତାରିଖରେ ବିକଳାଙ୍ଗ ପ୍ରମାଣ ପତ୍ର ପାଇବାକୁ କାଗଜପତ୍ର ତଥା ଡାକ୍ତରୀ ଯାଞ୍ଚ ହୋଇଥାଏ । ମାତ୍ର କେଉଁ ମାସରେ ଏହାକୁ ୧ ତାରିଖରେ କରାଯାଉଥିବା ବେଳେ କେଉଁ ମାସ ୩ ତାରିଖରେ କରୁଛନ୍ତି ଏଣୁ ରୋଗୀ ଖବର ନପାଇ ଦୂର ଦୁରନ୍ତାରୁ ଆସି ହଇରାଣ ହେଉଛନ୍ତି ବୋଲି ଅଭିଯୋଗ ହେଉଛି । ଚଳିତ ମାସ ୩ ତାରିଖରେ ଆସିବାକୁ ଦୟା ଭୋଇଙ୍କୁ କୁହାଯାଇଥିବା ବେଳେ ସକାଳ ୯ଟା ସମୟରେ ସେ ନିଜେ ତିନି ଚକିଆ ସାଇକେଲ ସାହାଯ୍ୟରେ ଚିକିତ୍ସାଳୟକୁ ପହଞ୍ଚି ଥିଲେ ମାତ୍ର ଏଠାରେ ତାଙ୍କୁ ନିରୁତ୍ସାହିତ ହେବାକୁ ପଡିଥିଲା କାରଣ ଚଳିତ ମାସ ୧ତାରିଖରେ ଡାକ୍ତରୀ ଯାଞ୍ଚ ସରିଯାଇଛି । ତେବେ ଡାକ୍ତରଙ୍କ ଯେଉଁ ଦିନ ସୁବିଧା ହେବ ସେଦିନ ବିକଳାଙ୍ଗ ପ୍ରମାଣ ପତ୍ର ପାଇଁ ଯାଞ୍ଚ ପ୍ରକ୍ରିୟା ରଖାଯାଉଥିବା ବେଳେ ଏପରି କରାନଯାଇ ପୂର୍ବ ପରି ଗୋଟେ ତାରିଖରେ ସ୍ଥାୟୀ ରଖାଯିବାକୁ ଦାବୀ ହୋଇଛି ।

# ମହାବିଦ୍ୟାଳୟ କର୍ମଚାରୀଙ୍କ ସପ୍ତମ ବେତନ କମିଶନ ଲାଗୁ ପ୍ରକ୍ରିୟାର ପୁନଃ ବିଚାର କରିବାକୁ ଦାବୀ




ବାଲିଗୁଡା, (ନିପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଜି.ଉଦୟଗିରିଠାରେ ରବିବାର ଦିନ ୪୮୮ ଓ ୬୬୨ ବର୍ଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା ମହାବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ରାଜ୍ୟ ସରକାରଙ୍କର ସପ୍ତମ ବେତନ କମିଶନ ସୁପାରିଶ ଲାଗୁ ପ୍ରକ୍ରିୟାକୁ ବିରୋଧ କରାଯିବା ସହ କ୍ଷୋଭ ପ୍ରକାଶ କରାଯାଇଥିଲା । ଏଥିପାଇଁ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଗଣଶିକ୍ଷା ମନ୍ତ୍ରୀ ତଥା ବିଜେଡି ରାଜ୍ୟ ସଂଗଠନ ସମ୍ପାଦକ ଏହାର ପୁନଃ ବିଚାର କରି ସପ୍ତମ ବେତନର ପ୍ରକୃତ ହାର ପାଇବାକୁ ବଞ୍ଚିତ ହେଉଥିବା ସମସ୍ତ କର୍ମଚାରୀଙ୍କୁ ଉଚିତ ନ୍ୟାୟ ପ୍ରଦାନ କରାଯିବା ସକାଶେ ଅନୁରୋଧ କରାଯାଇଥିଲା । ଉକ୍ତ ବୈଠକରେ କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ୪୮୮ ଓ ୬୬୨ ବର୍ଷର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ ।

# ଜୁରିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରକୁ ମିଳିଲା ପ୍ରାକୃତି ମିତ୍ର ପୁରସ୍କାର



ପାଟଣାଗଡ଼, (ନିପ୍ର) : ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ଜୁରୀଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ୨୦୨୧-୨୨ ବର୍ଷ ପ୍ରାକୃତି ମିତ୍ର ସମ୍ମାନରେ ଭୁବନେଶ୍ୱର ସ୍ଥିତ ରବିନ୍ଦ୍ର ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନୀତ କରାଯାଇଥିଲା । ଏହି ଅବସରରେ ଜଙ୍ଗଲ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀ ଡ. ମେନା ଶର୍ମାଙ୍କ ଉପସ୍ଥିତିରେ ପ୍ରାକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି । ଚଳିତ ବର୍ଷ ଜୁରିଆ ସରସ୍ୱତୀ ବିଦ୍ୟାମନ୍ଦିର ପରିସରରେ ଓ ବାହାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ବ୍ରତ ରୂପେ ଗ୍ରହଣ କରି ସବୁଜ ବଳୟ ସୃଷ୍ଟି କରିବାରେ ସକ୍ଷମ ହୋଇଛି । ପ୍ରାକୃତିକ ପରିବେଶ ସୁରକ୍ଷା ସଚେତନତା ସୃଷ୍ଟି କରିଥିବାରୁ ଏକ ପ୍ରମାଣ ପତ୍ର ସହ କୋଡ଼ିଏ ହାଜର ଟଙ୍କାର ଏକ ଚେକ ସରସ୍ୱତୀ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗ୍ରହଣ କରିଛନ୍ତି । ରାଜ୍ୟ ସରକାରଙ୍କଠାରୁ ପ୍ରାପ୍ତ ଏହି ପୁରସ୍କାର ଯୋଗୁଁ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟଙ୍କ ସମେତ ଗୁରୁଜୀ ଗୁରୁମାଙ୍କ ସହ ସମସ୍ତ ଷ୍ଟାଫ୍ ଉତ୍ସାହିତ ହେବା ସହ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି ।

# ବ୍ରାହ୍ମଣଡିହିରେ ୧୫ତମ ଶୀତଳ ଷଷ୍ଠୀ ପାଳିତ
## - ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ୨୫ ଜଣଙ୍କୁ ସମ୍ବର୍ଦ୍ଧନା



ପଦ୍ମପୁର, (ନିପ୍ର) : ପଦ୍ମପୁର ଅଧିନସ୍ଥ ବ୍ରାହ୍ମଣଡିହି ଗ୍ରାମରେ ୧୫ତମ ଶୀତଳ ଷଷ୍ଠୀ ମହା ସମାରୋହରେ ପାଳିତ ହୋଇଯାଇଛି । କନ୍ୟା ପିତା ମାତା ଭାବରେ ହେମନ୍ତ ପାତ୍ର ସପତ୍ନିକ କାର୍ଯ୍ୟନିର୍ବାହ କରଥିବା ବେଳେ ବର ପିତା ମାତା ଭାବରେ ସୁରଥ କମୁରିଆ କାର୍ଯ୍ୟନିର୍ବାହ କରିଥିଲେ । ଅତିଥି ଭାବରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କ ସମେତ ଜିଲ୍ଲା ପରିଷଦ ମକରଧ୍ୱଜ ବଗାର, ମଣ୍ଡଳ ସଭାପତି କେତନ ମେହେର ପ୍ରମୁଖ ଯୋଗଦେଇ ବାବା ମହାଦେବଙ୍କ ବରଯାତ୍ରୀରେ ସାମିଲ ହୋଇ କନ୍ୟା ଘରକୁ ଯାଇଥିଲେ । ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ୨୫ ଜଣ ଚାଷୀ, କଳାକାର, ସମାଜସେବୀଙ୍କୁ ସମ୍ମାନୀତ କରାଯାଇଥିଲା । ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା ସଭାପତି ନନ୍ଦ କିଶୋର ଯୋଶୀ, ପ୍ରାନ୍ତ ସଂପାଦକ ଭକ୍ତ ଚରଣ ସାହୁ, ପୃଥିରାଜ ସାହୁ, ଭାସ୍କର ଦାଶ ପ୍ରମୁଖ ସମ୍ବର୍ଦ୍ଧନା ସଭାରେ ମଂଚାସୀନ ଥିଲେ । ହରେକୃଷ୍ଣ ମେହେର, କଂସର ପଂଚାୟତ ଆନନ୍ଦ ବେହେରା, ପ୍ରଦୀପ ମେହେର, ବିନୋଦ ବୈକାର ପ୍ରମୁଖ ଅତିଥି ଭାବେ ମଚାଂସୀନ ଥିଲେ । ପ୍ରମୋଦ ମେହେର, ପ୍ରକାଶ, ଚିତ୍ତ, ଗାନ୍ଧୀ, ମନ, ଯୋଗେଶ, ସୁଶିଳ ପ୍ରମୁଖ ସହଯୋଗ କରିଥିଲେ । ସୁରେନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

**ରତ୍ ଖରା ଥି ଚେରେ ଚିର୍‌ଗୁନ୍ ପଟୋ ପଟୋ ମରି ଯାଉଛନ୍ । ଏନ୍‌ତା ସମିଆଁ ଥି ଆମେ ସେମାନ୍‌କର୍ ଲାଗି ଛାତ୍ ଉପ୍‌ରେ, ବାରିଆଡ଼େ, ଘର୍ ମୁହେଁ, ଠିକ୍ ଜାଗା ଜାନିକରି ସୁରୁ ସୁରୁ ପାତ୍‌ଲି ଗୁଟେ ଗୁଟେ ଥି ପାଏନ୍ ଟିକେ ଟିକେ ଯଦି ରଖି ଦେଇ ପାର୍‌ଲେ, ନିରୀହ ଚେରେ ଚିର୍‌ଗୁନ୍ ମାନ୍‌କର ଜୀବନ୍ ବଁଚେଇ ପାର୍‌ମା ।**

# କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ବିଶ୍ୱ ସାଇକେଲ ଦିବସ ଅବସରରେ ଆରମ୍ଭ କଲେ ଦେଶବ୍ୟାପୀ କାର୍ଯ୍ୟକ୍ରମ

## ଘଟଣାସ୍ଥଳରେ କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ, ମନସୁଖ ମାଣ୍ଡଭ୍ୟ ଓ ଶ୍ରୀମତୀ ମୀନାକ୍ଷି ଲେଖି ଉପସ୍ଥିତ




**- ଫିଟ୍ ଇଣ୍ଡିଆ ମୁଭମେଣ୍ଟ, ଖେଲୋ ଇଣ୍ଡିଆ ମୁଭମେଣ୍ଟ, କ୍ଲିନ ଇଣ୍ଡିଆ ମୁଭମେଣ୍ଟ ଓ ହେଲଦି ଇଣ୍ଡିଆ ମୁଭମେଣ୍ଟ ଭଳି ସମସ୍ତ ଅଭିଯାନ ସାଇକେଲ ଚାଳନା ଦ୍ୱାରା ସଫଳତା ହାସଲ କରିବା : ଅନୁରାଗ ଠାକୁର**

**- ଅନୁରାଗ ଠାକୁର, ମନ୍ତ୍ରୀ, ସଂସଦ ସଦସ୍ୟ ଓ ୭୫୦ଯୁବ ସାଇକେଲ ଆରୋହୀଙ୍କ ସହ ୭.୫ କିଲୋମିଟର ଦୂର ସାଇକେଲ ଯାତ୍ରା କଲେ**

**- ଦେଶରେ ୭୫ଟି ଐତିହ୍ୟ କୀର୍ତ୍ତିରାଜି ସ୍ଥଳ ସମେତ ଶହେରୁ ଊର୍ଦ୍ଧ୍ୱ ସ୍ଥାନରେ ଏନୱାଇକେଏସ ପକ୍ଷରୁ ସାଇକେଲ ଶୋଭାଯାତ୍ରା ଆୟୋଜିତ**

ନୂଆଦିଲ୍ଲୀ, (ପିଆଇବି) : କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରୀ ଅନୁରାଗ ଠାକୁର ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମରୁ ବିଶ୍ୱ ସାଇକେଲ ଦିବସ ଅବସରରେ ଦେଶବ୍ୟାପୀ କାର୍ଯ୍ୟକ୍ରମକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ସେଠାରେ କେନ୍ଦ୍ର ଆଇନ ଓ ନ୍ୟାୟମନ୍ତ୍ରୀ କିରନ୍ ରିଜିଜୁ, କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ, ବୈଦେଶିକ ବ୍ୟାପାର ଓ ସଂସ୍କୃତି ମନ୍ତ୍ରୀ ମିନାକ୍ଷୀ ଲେଖି, ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ସଂସଦ ସଦସ୍ୟ ଡକ୍ଟର ହର୍ଷବର୍ଦ୍ଧନ, ସଂସଦ ସଦସ୍ୟ ମନୋଜ ତିୱାରୀ, ସଂସଦର ସଦସ୍ୟ ରାମେଶ ବିଧୁରୀ, ଯୁବବ୍ୟାପାର ବିଭାଗ ସଚିବ ସଞ୍ଜୀୟ କୁମାର, କ୍ରୀଡାସଚିବ ଶ୍ରୀମତୀ ସୁଜାତା ଚତୁର୍ବେଦୀ ଓ ମନ୍ତ୍ରଣାଳୟର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଦିଲ୍ଲୀର ଧ୍ୟାନ ଚାନ୍ଦ ଷ୍ଟାଡିୟମରୁ ଯାତ୍ରା ଆରମ୍ଭ କରିଥିବା ସାଇକେଲ ରାଲିର ନେତୃତ୍ୱ ଅନୁରାଗ ଠାକୁର ନେଇଥିଲେ । ସେଠାରେ ଉପସ୍ଥିତ ମନ୍ତ୍ରୀ ଓ ସାଂସଦଗଣ ତାଙ୍କ ସହ ଯୋଗଦେଇଥିଲେ । ଦିଲ୍ଲୀର ଏହି ୭.୫ କିଲୋମିଟର ଦୀର୍ଘ ରାଲିରେ ୧୫ଶହ ବ୍ୟକ୍ତି ଯୋଗ ଦେଇଥିଲେ । ଦେଶରେ ୩୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଶହେରୁ ଅଧିକ ସ୍ଥାନ ଓ ୭୫ଟି ଐତିହ୍ୟ କୀର୍ତ୍ତିରାଜି ସ୍ଥଳରୁ ଏନୱାଇକେଏସ୍ ଆୟୋଜନ କରିଥିଲା । ପ୍ରତ୍ୟେକ ରାଲିରେ ୭୫ଜଣ ଲେଖାଏଁ ପ୍ରତିଯୋଗୀ ୭.୫ କିଲୋମିଟର ଦୂର ଅତିକ୍ରମ କରିଥିଲେ । ପତାକା ଦେଖାଇ ରାଲିର ଶୁଭାରମ୍ଭ ପୂର୍ବରୁ ଅନୁରାଗ ଠାକୁର ସମବେତ ବ୍ୟକ୍ତିଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ଭାରତ ଆଜାଦୀ କା ଅମ୍ରିତ ମହୋତ୍ସବ ପାଳନ କରୁଥିବା ବେଳେ, କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ସମଗ୍ର ଦେଶରେ ସାଇକେଲ ରାଲି ଆୟୋଜନ ପାଇଁ ଏକ ଅନନ୍ୟ ପଦକ୍ଷେପ ନେଇଛି । ଦେଶ ସ୍ୱାଧୀନତାର ୭୫ବର୍ଷ ପାଳନ କରିବାକୁ ଯାଉଥିବା ବେଳେ ସୁସ୍ଥ ଭାରତ ଗଠନ ସଂକଳ୍ପ ନେଇ ଏହି ରାଲି ଆୟୋଜିତ ହେଉଛି । ଶାରୀରିକ ଦକ୍ଷତା ନିମନ୍ତେ ଦୈନନ୍ଦିନ ଜୀବନରେ ସାଇକେଲ ଚଳାଇବା ପାଇଁ ଜନସାଧାରଣଙ୍କୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ଶ୍ରୀ ଠାକୁର କହିଥିଲେ ଯେ "ଦେଶର ଜନସାଧାରଣ ଶାରୀରିକ ଦକ୍ଷତା ଅଭିଯାନରେ ଯୋଗଦେବା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱାସ କରନ୍ତି । ଫିଟ୍ ଇଣ୍ଡିଆ ଅଭିଯାନରେ ସାଇକେଲ ଚାଳନା ଏକ ବିରାଟ ଭୂମିକା ଗ୍ରହଣ କରିପାରିବ । ବିଶ୍ୱ ସାଇକେଲ ଦିବସ ଅବସରରେ ସମସ୍ତେ ସେମାନଙ୍କ ଦୈନନ୍ଦିନ ଜୀବନରେ ସାଇକେଲ ଚାଳନା ଏକ ଅଂଶ ଭାବେ ବିବେଚନା କରିବାକୁ ଆମେ ସ୍ପଷ୍ଟ ବାର୍ତ୍ତା ଦେଉଛୁ । ସାଇକେଲ ଚାଳନା ଆପଣମାନଙ୍କୁ ସୁସ୍ଥ ରଖିବ ଏବଂ ଏକ ସୁସ୍ଥ ଭାରତ ଗଠନ ମଧ୍ୟ ସହାୟକ ହେବ ।" ଶ୍ରୀ ଠାକୁର ଆହୁରି କହିଥିଲେ ଯେ ସାଇକେଲ ଚାଳନା ଦ୍ୱାରା ଫିଟ୍ ଇଣ୍ଡିଆ, ଖେଲୋ ଇଣ୍ଡିଆ, କ୍ଲିନ ଇଣ୍ଡିଆ ଓ ହେଲ ଦି ଇଣ୍ଡିଆ ମୁଭମେଣ୍ଟ ସବୁ ହାସଲ କରିହେବ । ଏହା ପ୍ରଦୂଷଣ ସ୍ୱର ମଧ୍ୟ ହ୍ରାସ କରିବ । ସାଇକେଲ ଚଳାଇ ଆମେ ନିଜକୁ ସୁସ୍ଥ ରଖିବା ସହ ଦେଶକୁ ଫିଟ୍ ଇଣ୍ଡିଆର ବାର୍ତ୍ତା ଦେବା । ମନସୁଖ ମାଣ୍ଡଭ୍ୟ ଓ କିରନ୍ ରିଜିଜୁଙ୍କ ଉଦାହରଣ ଦେଇ ଏହି ମନ୍ତ୍ରୀଗଣ କିପରି ସାଇକେଲକୁ ତାଙ୍କର ଯାତ୍ରାର ମାଧ୍ୟମ କରି ଅନ୍ୟମାନଙ୍କୁ ଉତ୍ସାହିତ କରୁଥିବା କହିଥିଲେ ।

ଯୁବବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଆଜାଦୀ କା ଅମ୍ରିତ ମହୋତ୍ସବ ଇଣ୍ଡିଆ ଅ୭୫ ଅଂଶ ବିଶେଷ ଭାବେ ସମଗ୍ର ଦେଶରେ ବିଶ୍ୱ ସାଇକେଲ ଦିବସ ଆୟୋଜନ କରିଛନ୍ତି । ଆଜାଦୀ କା ଅମ୍ରିତ ମହୋତ୍ସବର ଆରମ୍ଭ ୧୨ ମାର୍ଚ୍ଚ, ୨୦୨୧ରେ ପ୍ରଧାନମନ୍ତ୍ରୀଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ଯୁବବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଏହି ମହୋତ୍ସବର ପରିକଳ୍ପନା 'ପିଲର ଅଫ ଆକ୍ସନ ଆଣ୍ଡ ରିଜଲଭ ଅ୭୫' ଅଧୀନରେ କରିଛି ।

## "ବିଶ୍ୱ ସାଇକେଲ ଦିବସ – ୨୦୨୨" ଅବସରରେ ନେହେରୁ ଯୁବା କେନ୍ଦ୍ର ପକ୍ଷରୁ ରାଜ୍ୟସ୍ତରୀୟ ମେଗା ସାଇକେଲ ରାଲିର ଆୟୋଜନ




ଭୁବନେଶ୍ୱର, (ପିଆଇବି) : ନେହେରୁ ଯୁବା କେନ୍ଦ୍ର ଖୋର୍ଦ୍ଧା ଏବଂ ଆଞ୍ଚଳିକ ଆଉଟରିଚବ୍ୟୁରୋ, ଭୁବନେଶ୍ୱର ସହ ମିଶି ଭୁବନେଶ୍ୱରର ପିଆଇବି କ୍ୟାମ୍ପସରେ "ବିଶ୍ୱ ସାଇକେଲ ଦିବସ – ୨୦୨୨" ଅବସରରେ ନେହେରୁ ଯୁବା କେନ୍ଦ୍ର ରାଜ୍ୟ ସ୍ତରୀୟ ମେଗା ସାଇକେଲ ରାଲିର ଆୟୋଜନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସାଇନିକ୍ ବିଦ୍ୟାଳୟର ପ୍ରଧାନଶିକ୍ଷକ କର୍ଣ୍ଣର ବାଲୁ ଭରତ ଏବଂ ଏନ୍‌ଏଚ୍‌କେ, ଆଞ୍ଚଳିକ ନିର୍ଦ୍ଦେଶକ ଶ୍ରୀମତୀ ରୀତା ଭଗତ, ଏ.ଡି.ଜି., ଭୁବନେଶ୍ୱର, ରେଳବାଇ କଲୋନୀ ହାଇସ୍କୁଲର ପ୍ରିନ୍ସପାଲ୍ ଗୋରଙ୍ଗ ମହାନ୍ତି, ସମ୍ମାନିତ ଅତିଥି ଭାବରେ ଏହି କାର୍ଯ୍ୟକ୍ରମରେ ଫିଟନେସ୍ କୋଚ୍ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମର ଖୋର୍ଦ୍ଧା ଜିଲ୍ଲା ଯୁବ ଅଧିକାରୀ ଭିପିନ୍ କୁମାର ତଦାରଖ କରିଥିଲେ; ଆକାଉଣ୍ଟ୍ ଅଫିସର ସୁଭେନ୍ଦ୍ରନାଥ ସାହୋ ଏବଂ କୁଲାମାନି ମଲ୍ଲିକଙ୍କ ଦ୍ୱାରା ସମର୍ଥିତ । ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ୟୁଥ୍ କ୍ଲବ୍ ତଥା ଭୁବନେଶ୍ୱର ସାଇନିକ୍ ସ୍କୁଲର ଅଂଶଗ୍ରହଣକାରୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ୧୦୦ରୁ ଅଧିକ ଅଂଶଗ୍ରହଣକାରୀ ସେମାନଙ୍କ ସାଇକେଲକୁ ଓମ୍‌ଫେଡ ସ୍କୋୟାରରୁସାଇନିକ୍ ସ୍କୁଲ୍ ଚକ୍ ପର୍ଯ୍ୟନ୍ତ ପେଡ୍ କରି ସେଠାରୁ ପିଆଇବି କ୍ୟାମ୍ପସକୁ ଫେରିଥିଲେ । ସଫଳ ଅଂଶଗ୍ରହଣ ପ୍ରମାଣପତ୍ର ପରେ ଅତିଥିମାନଙ୍କ ଦ୍ୱାରା ସମସ୍ତ ଅଂଶଗ୍ରହଣକାରୀଙ୍କୁ ବଣ୍ଟନ କରାଯାଇଥିଲା । ସମସ୍ତ ଅତିଥିମାନେ ଶାରୀରିକ ଫିଟନେସର ମହତ୍ୱ ଏବଂ ସାଇକେଲ ଚଲାଇବା ଏବଂ ପରିବେଶ ଉପରେ ଏହାର ପ୍ରଭାବକୁ ଆଲୋକିତ କରିଥିଲେ ଯାହା ପରବର୍ତ୍ତୀ ସମୟରେ ପ୍ରଦୂଷଣକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ସେମାନେ ମଧ୍ୟ ଆମ ଜାତିର ବିକାଶରେ ଯୁବକମାନଙ୍କର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଶେଷ ବକ୍ତବ୍ୟରେ ଭିପିନ କୁମାର ଉପସ୍ଥିତ ଥିବା ସମସ୍ତ ଅତିଥି, ଆଞ୍ଚଳିକ ଆଉଟରିଚବ୍ୟୁରୋର କର୍ମଚାରୀ, ଡୋର୍ଡାର୍ଶାନର କର୍ମଚାରୀ ଏବଂ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଯୁବବର୍ଗଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେହିଭଳି, ଆଜାଦୀ କା ଅମୃତ ମହୋତ୍ସବ ଉତ୍ସବ ଏବଂ "ବିଶ୍ୱ ସାଇକେଲ ଦିବସ – ୨୦୨୨" କାର୍ଯ୍ୟକ୍ରମର ଅଂଶବିଶେଷରେ ନେହେରୁ ଯୁବ କେନ୍ଦ୍ର ପୁରୀ ଦ୍ୱାରା ଶ୍ରୀ ଜଗନ୍ନାଥ ମନ୍ଦିର ନିକଟ ପୁରୀରେ ଆଉ ଏକ ସାଇକେଲ ରାଲିର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମନନ୍ ରଂଜନ ମହାପାତ୍ର (ଏଚଆର୍‌ଡିଏର ପୂର୍ବତନ ନିର୍ଦ୍ଦେଶକ ମନ୍ତ୍ରଣାଳୟ, ଭାରତ ସରକାର) ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଏବଂ ମନୋଜ କୁମାର ପ୍ରଧାନ (ଏସିଆଡଗେମ୍ସ ଜାପାନ–ବେସବଲରେ ରାଷ୍ଟ୍ରର ପ୍ରତିନିଧିତ୍ୱ) ଶଶି ଭୂଷଣ (ଜାତୀୟ ସନ୍ତରଣରେ ଓଡିଶା ରାଜ୍ୟ ପ୍ରତିନିଧିତ୍ୱ) ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପ୍ରାୟ ୧୪୦ ଅଂଶଗ୍ରହଣକାରୀ ସାଇକେଲ ରାଲିରେ ଅଂଶଗ୍ରହଣ କରିଥିଲେ ଯାହା ଶ୍ରୀ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଆରମ୍ଭ ହୋଇ ପୁରୀର ଇନଡୋର ଷ୍ଟାଡିୟମରେ ଶେଷ ହୋଇଥିଲା ।

## ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଫିରିଙ୍ଗିମାଲକୁ ପ୍ରକୃତି ମିତ୍ର ପୁରସ୍କାର



ପଦ୍ମପୁର, (ନିପ୍ର) : ପଦ୍ମପୁର ଉପଖଣ୍ଡ ଗାଇସିଲେଟ ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଫିରିଙ୍ଗିମାଲକୁ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ପ୍ରକୃତି ମିତ୍ର ୨୦୨୨ ପୁରସ୍କାର ମିଳିଛି । ଏଥିରେ ସଂପୃକ୍ତ ବିଦ୍ୟାଳୟକୁ ଏକ ମାନପତ୍ର ସହ କୋଡ଼ିଏ ହଜାର ଟଙ୍କା ଆର୍ଥିକ ପୁରସ୍କାର ମଧ୍ୟ ଦିଆଯାଇଛି । ବିଶ୍ୱ ପରିବେଶ ଦିବସ ୨୦୨୨ ପାଳନ ଅବସରରେ ଭୁବନେଶ୍ୱର ସ୍ଥିତ ରବିନ୍ଦ୍ର ମଣ୍ଡପଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଦଣ୍ଡସେନା ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀମତୀ ମୋନା ଶର୍ମା, ମୁଖ୍ୟ ଅତିଥି ଓ ଚିଲିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶାନ୍ତ ନନ୍ଦ, ସମ୍ମାନିତ ଅତିଥିଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ । ଏହି ବିଦ୍ୟାଳୟଟି ସ୍ଥାପନ ହେବା ଦିନଠାରୁ ଅର୍ଥାତ୍ ୧୯୯୭ ମସିହା ଠାରୁ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଜନ ସଚେତନତା ସୃଷ୍ଟି ତଥା ବିଦ୍ୟାଳୟ କ୍ୟାମ୍ପସରେ ଓ ବାହାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ବ୍ରତ ରୂପେ ଗ୍ରହଣ କରି ସବୁଜ ବଳୟ ସୃଷ୍ଟି କରିବାରେ ସକ୍ଷମ ହୋଇଛି । ରାଜ୍ୟ ସରକାରଙ୍କଠାରୁ ପ୍ରାପ୍ତ ଏହି ପୁରସ୍କାର ଯୋଗୁଁ ବିଦ୍ୟାଳୟର ସମସ୍ତ ଶିକ୍ଷକ କର୍ମଚାରୀ ଉତ୍ସାହିତ ହେବା ସହ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି ।

## ଯୁବ ହଷ୍ଟେଲସ୍‌ର ବିଶ୍ୱ ପରିବେଶ ଦିବସ ପାଳନ




ରାଉରକେଲା, (ନିପ୍ର) : ଭାରତୀୟ ଯୁବ ହଷ୍ଟେଲସ ରାଉରକେଲା ଶାଖା ଆନୁକୂଲ୍ୟରେ ତଥା ଭାରତ ସ୍କାଉଟ ଓ ଗାଇଡ ରାଉରକେଲା ଜିଲ୍ଲାର ସହଯୋଗରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଏକ ସାମୁହିକ ପଦଯାତ୍ରା ଆମ୍ବାଗାନ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିଠାରୁ ବାହାରି ସେକ୍ଟର-୨ ସ୍ଥିତ କଳିଙ୍ଗ ବୀର ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଯାଇଥିଲା । ଭାରତୀୟ ଯୁବ ହଷ୍ଟେଲସ ରାଉରକେଲା ଶାଖାର ପରିବେଶ ସୁରକ୍ଷା ପରିଷଦର ଅଧ୍ୟକ୍ଷ ଡ଼ଃ ଶକ୍ତି ପ୍ରସାଦ ସାମନ୍ତରାୟ ପତାକା ହଲାଇ ଏହି ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ । ୨୦୦ରୁ ଅଧିକ ପଦଯାତ୍ରୀ ସାମିଲ ଥିବା ଏହି ଅଭିଯାତ୍ରୀ ଦଳ ବିଭିନ୍ନ ସଚେତନତା ବାର୍ତ୍ତା ପ୍ଲାକାର୍ଡ, ଲିଫଲେଟ ଓ ବ୍ୟାନର ମାଧ୍ୟମରେ ସାଧାରଣ ଜନତାଙ୍କୁ ଅବଗତ କରାଇଥିଲେ । ସେକ୍ଟର-୨ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀ ନିକଟରେ ପହଞ୍ଚିଲା ପରେ ଯୁବ ହଷ୍ଟେଲସ ରାଉରକେଲା ଶାଖାର ଅଧ୍ୟକ୍ଷ ବୁଦ୍ଧଦେବ ବାସୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଭାରତ ସ୍କାଉଟ ଓ ଗାଇଡର କମିଶନର ବଜେନ୍ଦ୍ର ଦାଶ ଯୋଗଦେଇ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ତଥା ବିଭିନ୍ନ ଦୈନନ୍ଦିନ କାର୍ଯ୍ୟରେ ପରିବେଶ ସୁରକ୍ଷା ନେଇ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ ଏବଂ ଏ ଦିଗରେ ନିଜ ନିଜର ଯୋଗଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାରତ ସ୍କାଉଟ ଓ ଗାଇଡର ଜିଲ୍ଲା ସମ୍ପାଦକ ସନ୍ତୋଷ କୁମାର ନାୟକ, ଯୁବ ହଷ୍ଟେଲସର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦେବାଶିଷ ମହାନ୍ତି ଓ ନୀଳମଣି ମହାପାତ୍ର ପରିବେଶ ସୁରକ୍ଷାର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଶୋଭାଯାତ୍ରାକୁ ଯୁବ ହଷ୍ଟେଲସ ରାଉରକେଲା ଶାଖାର ସମ୍ପାଦକ ନିରଞ୍ଜନ ସାମଲଙ୍କ ନେତୃତ୍ୱରେ ରମାକାନ୍ତ ମଲ୍ଲିକ, ଗୌରାଙ୍ଗ ପାହାଡି, ଅରୁଣ କୁମାର ସ୍ୱାଇଁ, ଶିଶିର କୁମାର ପାଣି, ଶ୍ରୀବତ୍ସ ସାମଲ, ନରହରି ପଣ୍ଡା, ରବିନାରାୟଣ ପାତ୍ର, ହୃଷିକେଶ ନାୟକ, ରଂଜନ ଦୀକ୍ଷିତ, ଶାନ୍ତି ଦାସ, ସରିତା ସିଂହ, ବିଦିତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ । ପରେ ଦୀପିକା ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଏକ ତର୍କ ପ୍ରତିଯୋଗିତା ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଦୀପିକା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରବୀଣ କୁମାର ଶର୍ମା ପରିବେଶ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ । ଯୁବ ହଷ୍ଟେଲସର କାର୍ଯ୍ୟକ୍ରମ ସଂଯୋଜକ ଆଶିଷ ବିର୍ଶା ହେମ୍ବ୍ରମ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିଚାରକ ଭାବେ ସେଲ୍‌ର ଭୂତପୂର୍ବ ମୁଖ୍ୟ ମହାପ୍ରବନ୍ଧକ ବିଜୟ କୁମାର ସୋରେନ, ଆର୍‌ଏସ୍‌ପିର ପରିବେଶ ଇଞ୍ଜିନିୟରିଂ ବିଭାଗର ଭୂତପୂର୍ବ ବିଭାଗୀୟ ମୁଖ୍ୟ ଏସ ଏନ୍ ଖେସ ଏବଂ ରାଉରକେଲା ସ୍ୱୟଂ ଶାସିତ ସରକାରୀ ମହାବିଦ୍ୟାଳୟର ପ୍ରାଧ୍ୟାପକ ପାରେଶ୍ୱର ବିଶ୍ୱାଳ ଯୋଗଦାନ କରିବା ସହିତ ଛାତ୍ରଛାତ୍ରୀମାନଙ୍କ ସହିତ ମତ ବିନିମୟ କରିଥିଲେ । ଏହି ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମୋହିତ ପଣ୍ଡା, ଶୁଭମ୍ ପାଢ଼ୀ, ଶ୍ୱେତ ସ୍ମିତା ପାଢ଼ୀ, ଜିଜ୍ଞାସା ପଟ୍ଟନାୟକ, ପ୍ରତୀକ୍ଷା ସ୍ୱାଇଁ, ରିମଝିମ୍ ଘୋଷରାୟ, ସଞ୍ଚିତା କିରଣ, ପିୟୁସା ସିଂହଙ୍କୁ ଯୁବ ହଷ୍ଟେଲସ ରାଉରକେଲା ଶାଖାର ଉପସଭାପତି ପ୍ରତାପ କୁମାର ସ୍ୱାଇଁ ପୁରସ୍କୃତ କରିଥିଲେ । ଏହି ଅବସରରେ ଅଧ୍ୟକ୍ଷ ବୁଦ୍ଧ ଦେବ ବାସୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲା ବେଳେ ମଞ୍ଚ ପରିଚାଳନା ଶ୍ରୀମା ମିଶ୍ର କରିଥିଲେ ଏବଂ ଶେଷରେ ଆଶିଷ ବିର୍ଶା ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ସରୋଜ ପଟ୍ଟନାୟକ, ସଚ୍ଚିଦାନନ୍ଦ ଲେଙ୍କା, ସମରକାନ୍ତ ମଲ୍ଲିକ, ପ୍ରକାଶ ଚନ୍ଦ୍ର ମିଶ୍ର, ପି ବି ସାଜି, ସୁଚିତ୍ରା ମଲ୍ଲିକ, ସୁଲୋଚନା ମିଶ୍ର, ଶାନ୍ତା କୋଲା, ଲୁସି ଦାସ, ମିନାକ୍ଷୀ ପାଢ଼ୀ, ଶ୍ରଦ୍ଧାଶ୍ରୀ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ ।

# କୋଶଲୀ ସାହିତ୍ୟ ଜଗତର ଗୁଟେ ଦଗ୍‌ଦଗା ସକାଲ୍ କବି ଚତୁର୍ଭୁଜ ସାଆନ୍ତ

କବି ଚତୁର୍ଭୁଜ ସାଆନ୍ତ ଆମର ସମିଆଁର ଝନେ ଶିଘା କବି । ୧୯୬୬ ମାର୍ଚ୍ଚ ୨ ତାରିଖ ଦିନ ବଲାଙ୍ଗିର ଜିଲ୍ଲାର ଶିବତଲା ପାଖର ତାଲପାଲି ଗାଁ ଥି କବି ଚତୁର୍ଭୁଜ ଜନମ୍ ହେଇଥିଲେ । ୰ମାଁ ଲକ୍ଷ୍ମୀ ସାଆନ୍ତ ଆର୍ ବା' ୰ବାଦୁ ସାଆନ୍ତଙ୍କର ଗେଲ୍‌ହା ପୁଓ କବି ଚତୁର୍ଭୁଜ କବିତାର ଦୁର୍‌ବିନ୍ ଥି ସାରା ପୁରଥି କେ ଠଅଁକେଇ ପାର୍‌ବାର ବଫୁ ବାନ୍ଧି ପାରିଥିଲେ ଛାତି ନେ । ଟିଟିଲାଗଡ଼ ଶିକ୍ଷା ବିଭାଗର ବିଇଓ ଅଫିସ୍ ଥି ସେକ୍‌ସନ୍ ଅଫିସର୍ ଭାବେ ଚାକିରୀ କରୁଥିଲେ ସେ । କବିତା ଲେଖା ଥି ଖୋବ୍ ସଁସେ ଥିଲା ତାକର୍ । ଗାଁ ମାଁର ପରଛା ଚିନ୍‌ହା ବନା ତାକର୍ କବିତା କେ ହର୍‌ମେସା ସୁରୁତ୍ କରୁଥିଲା ।

ମାତର୍‌କ' ବଡ଼ା ଜଲ୍‌ଦି ସଁସାର୍ ଛାଡ଼ିଦେଲେ କବି ଚତୁର୍ଭୁଜ । ଗଲା ବଛରର୍ ମେ' ୩୧ ତାରିଖ ଦିନେ କବି ଚତୁର୍ଭୁଜଙ୍କର୍ ଦେହାନ୍ତ ହେଇଗଲା । ଇ'ଧାମ୍ ଛାଡ଼ିକରି ସେ ସରଗ୍‌ବାସୀ ହେଇଗଲେ । ସଁସାର୍ ଛାଡ଼ିକରି ସେ ପଲେଇ ଗଲେ ସିନା, ହେଲେ ତାଁକର କୋଶଲୀ ସାହିତ୍ୟ ଜଗତ୍ ସବୁଦିନେ ଗୁଟେ ଦଗ୍‌ଦଗା ସକାଲ୍ ହେଇ ରହେବା ସଁସାରେ । ତାଙ୍କର ଜୀବିତ୍ ଅବସ୍ଥା ଥି 'ଦଲ୍‌ଦଲି' ଆର୍ 'ଧର୍‌ସା' ଦୁଇଟା କୋଶଲୀ କବିତା ସଂକଳନ ବାହାରିଥିଲା । ହେଲେ ତାକର୍ ଲେଖ୍‌ଲା ଖୋବ୍‌ଟେ କବିତା ବହି ହେବାର୍‌କେ ସମିଆଁ କେ ଟାକିକରି ବସିଥିଲା । ମାତର୍ ଆର୍ ବହି ବାହାରିବାର୍ ଆଘୋନୁ ଆମ୍‌କୁ ନିରାଶ୍ କରି କବି ନିଜର୍ ଦିହିଁ ପାଲ୍‌ଟି ଦେଇ ଛୁ' ମାରିଦେଲେ । ତାକର୍ ଲେଖ୍‌ଲା କବିତା ସବୁକେ ଠୁଲେଇ ଏଛିନ୍ ତାକର ତିନ୍ ନମର୍ କବିତା ସଂକଳନ 'ଉର୍‌ଘା' ବାହାରିଛେ ଆର୍ ଆପଣ ମାନ୍‌କର୍ ହାତେ ପୁହୁଁଚିଛେ । କବି ଚତୁର୍ଭୁଜଙ୍କର ମହାନ୍ କବିତା ସାଧନାର୍ ବର୍‌କସ୍ ଦିଗ୍ ଇ' ବହି ଥି ବାରି ହେଇଯାଉଛେ, ଇ' କଥା ଛାତି ଥି ହାତ୍ ଦେଇକରି କହିହେବା ।

ଆମର ଭାଷା ଥି କବି ଚତୁର୍ଭୁଜ ସାଆନ୍ତ ବନେ ଶିଘା ତକ୍ ଲହଁପେଇ ପାରିଥିଲେ ତାକର୍ ଡେନା । ସପନ୍ ବୁଟ୍‌କା କେ ଖନ୍ଦେ ଉଲେଇ କେତେବେଲେ ମହୁଲ ଝାରର୍ ରଟ୍ ଖରା ଥି ଗାଁ ମୁର୍‌ସାର ବଘୁଆ ମେତାନ୍ ହବ୍‌ଡ଼େଇ ହେଇଛନ୍, ତ' କେତେବେଲେ ଅଲାଏକ୍ ମର୍‌ଡ଼ି ଥି ଖେତ୍ ଖଲାର ଆଏଁଖ ନୁଁ ରକତ୍ ଥିପୁଥିବାର ଦେଖି ପାରିଛନ୍ । କେତେବେଲେ ଆମ୍ ବୁରେଇ ନେ ନିଜେ କାବ୍ୟ ପୁରୁଷ ହେଇ ଟାକିଛନ୍ ମନର୍ ମଏନା କେ ତ' ଆର କେତେବେଲେ ବାହାଁ ପେସ୍‌ରେଇ ମେଘ ବାଦଲ୍ କେ ପୁଟଲେଇ ପକେଇଛନ ନିଜର ଛାତି ଥି । କବିର ଭାଷା ଖୋବ୍ ମଧୁର । କବି ସାଆନ୍ତଙ୍କର କବିତା ପଢ଼ଲେ ଠିକେ ଠିକ୍ ଜାନି ପାର୍‌ବା ଝନେ ଲୋକ୍ ଆମର ଭାଷାର କୁବେର୍ ପନ୍ ଉପ୍‌ରେ । ସୁରୁ ସୁରୁ ଟେ କଥା ନୁଁ ଗଖା ଗଖା ଭାବ ଲସ୍‌ଲସା ହେଇ ଢ଼ାପି ପଡୁଥିବା ପୁର୍‌ଥୀ କେ .... ହେନ୍‌ତା ଉଁଚା ଦର୍‌ଜାର୍ କବି ଥିଲେ ଚତୁର୍ଭୁଜ । କେତେ କେତେ ଦିନର କଥା, କେତେନି କେତେ ଗୁଲ୍‌ଗୁଲିଆ ମୁନୁଷର୍ ଦୁଖା... ବଡ଼ା ଗହ ଗହ ହେଇ ପହଁରୁଥୁସନ୍ ତାକର୍ କବିତା ନଏଦ୍ ନେ । ତାକର୍ କବିତା ଥି ମହୁଲିର୍ ବିଭୋର୍ ପନ୍ ନୁଁ ବୌଦ୍ଧିକ ସତ୍ତାର ଧୋବ୍ ଫର୍ ଫର୍ ଆକାଶ ପରଛା ଦେଖି ହେସି, ଠିକ୍ ବତ୍‌ରେ ଠଅଁକେଇ ହେସି ।

ମାଁ ମାଏଟ୍, ପାଏନ୍ ପବନ୍ କେ ଥାବେ ଥୁଇ କବିତା କେ ଖୋବ୍ ସୁରୁତ୍ କର୍‌ବାର୍ କବାର୍ ତାହାକୁଁ ଠିକ୍ ଭାବେ ଜନା ଥିଲା । ଯେନ୍‌ତା ଭାବ୍, ସେନ୍‌ତା କବିତାର ଡାହି ପଖ୍‌ରା... ସେନ୍‌ତା ପାଆଁଲି ଯିବାର୍ ସର୍‌ସା ସଉକ୍, ତାକର୍ କବିତାକେ ଆର୍ ଆର୍ ସୁରୁତ୍ କରି ପକଉଥିଲା । ଶବରେନ୍, ଉର୍‌ମିଲା, ସୀତୟା, ଅହଲ୍ୟା, ରୋମା ଲେଖେନ୍ ମିଥ୍ ଚରିତ୍ରମାନେ ବଡା ଗହକି ଥି ପହଁରୁଥିସନ୍ ତାକର୍ କବିତାର୍ ଇମେଜ୍‌ର ନଏଦ୍ ଥି । ପାଠକ୍ କେ ସାଆଁଟି ନେବାର୍ ବଫୁ ଭର୍‌ପୂର୍ ରହିଥିସି ତାକର୍ କବିତା ଭିତ୍‌ରେ । କବି ଚତୁର୍ଭୁଜ ଆଏଜ୍ ଦିହିଁ ଧରିକରି ଆମର୍ ସାଙ୍ଗେ ନେଇଁନ' । ମାତର୍‌କ' ତାକର୍ କବିତା ଥି ସେ ହର୍‌ମେସା ଅଛନ୍ ଆର୍ ରହିଥିବେ ସବୁଦିନେ ଆମର୍ ସାଙ୍ଗେ... ସଁସାର୍ ସାଙ୍ଗେ ।



**କବି ଚତୁର୍ଭୁଜ ସାଆନ୍ତ**
**ଆବିର୍ଭାବ : ୦୨ ମାର୍ଚ୍ଚ ୧୯୬୬**
**ତିରୋଧାନ : ୩୧ ମେ' ୨୦୨୧**

## କବି ଚତୁର୍ଭୁଜ ସାଆନ୍ତଙ୍କର୍ ନୂଆଁ କବିତା ବହି 'ଧର୍‌ସା'ର୍ କେତେଟା କବିତା

### ବଉଲ୍

ଝର୍‌କା ଆର' ଫାଲେ
କଲ୍‌ମି ଆମ୍ ଗଛ ଫଲେ
ଶୀତମଖା ମୁହୁଁ ପୁଛି ପୁଛି
ଆଏଲାନ' ଲୁଭ୍‌ଲୁଭିଆ ବଉଲ ।

ବଛର୍‌କିଆ ନୂଆଁ କୁଇ ବଉଲ
ଆକ୍‌ଟୁଥୁଲା ବୁଢ଼ୀ ବାଈ -
ଦିହିପାଏନ କଥା
ନାଇଁ ବାହର୍‌କର ଭିଁଟାକେ
ଉବେଲ ବଉଲିଆ ଧୁକା
ଛିଁ ଦେବା ଘ'ନେ
ହେଦେ ଗୁଟେ ଗୁଟେ ଥିପି ବସଲାନ'
ମହୁଲ ।

ପଢ଼ାଗୁନା ଧୁଇଲ୍ ଖେଲ
ନର୍‌ଦା ଡେଗା ପାହା ଯାହିଁ ତାହିଁ
ପହିଲ୍ ରଁଗେ ରଁଗ ଗହଲ୍ ତ ଚହଲ୍
ଚେରେରେ ପହିଲ ଉଢ଼ବାର୍ ବେଲ୍
ଦରପନ ଦେଖା ନେ ଉର୍‌ଲୁଛେ ମନ୍
ଫଗୁନ ଫକ୍‌ଫକା ତନ୍ ଆର ମନ୍
ଏକ୍‌ଲା ଭେକ୍‌ଲା
କେନ୍ ଠାନେ ଲାଗିଗଲେ
କେଭେ ନାଇଁ ଛାଡ଼େ
ଅବେଲ୍ ଉବେଲ୍
ଆଏଁଖ ମର୍‌ଲା ପଡୁନ୍ ପଡୁନ୍
ମୁଢ଼ ଉପରେ ଖେଲୁଛେ ବେଲ୍
ପାଁକଲିଲା ପତରେ
ନୂଆଁ କଢ଼ୋ ହୋ
ନୂଆଁ ମୁହୁଁ ଦେଖୁନ୍ ଦେଖୁନ୍
କୁନୁଆଁ ଖାଇ ଯାଇଛେ ବଉଲ ।

ଗୁଟେ ଗାଁ ଜମିବାଡ଼ି ଡଙ୍ଗର୍
କୁଶେର ବରଛା
ଛାଟେଛାଟ୍ ଧର୍‌ସା
କଲା ଝାଏଁ ଝାଏଁ କଁଟାର ପାନି
ଘାଟର ପଖନେ ରଗଡ଼ା
କଅଁଲି ପାହା
କେତେ ଲାଡ଼ଗେଲ ପାନିର ଖେଲ
ଗେଲେହି ନନଁଦ ସାଙ୍ଗେ
ନୂଆଁ ବହ ।
ଖୁଟକଟା ହିନ୍ଦୁ ତୁଥୁଲ୍ ଗୁମୁଲ
ମୁସଲମାନ ଇମାନ୍ ଚଟାନ୍
ଏକ୍‌ଲା ଭେକ୍‌ଲା ହରିଜନ
ମେଶାଭିରା ସୁଖବାସୀ ଖ୍ରୀଷ୍ଟିଆନ୍
ମାତର, ବଉଲ ଇ'ଠାନେ
କୁନୁଆଁ ଗରାଖ ହୋ ।

ଖରା ତ' ଖରା ହୋ
ଜେଠ୍ ମାସିଆ ଖରା
ଯେତେ ପିଇଲେ ପାଏନ
ଚଁଢ଼ ଅଠା ଅଠା
ଛୁଆ ପଢ଼ଲେ ଛୁଆ ବଢ଼ଲେ
ଆକାଶର ଚମ୍‌କି ତରା
ହରିଣ ନାଇଁ ଦିଏ ଧରା
କେତେ କିନ୍ଦରିବୁ ହୋ ତରାତରା ।

ବଛର ମୁଡ଼େ ଥରେ
ସବ୍‌କେ ଘାରେ
ଯେତ୍‌କି ଢ଼ାପିଚୁଟି ରଖଲେ ନିଜକେ
ବିହାଦିନର ନୂଆଁ ଝଁପି ବାଗିର
ଚେଚୋବେଚୋ ମନ ଯାଏସି ଫିସ୍‌ଲି
ଇନୁ ହେ ନିକେ
ଝୁରେ କାହାକେ
ପାସରି ହେସି ନାଇଁ ହୁଏ ଢ଼ିଲି
ଟେଁଢ଼ା ଲାଏଠ ଫସା ଗଁଠ୍‌ଲି
ବଉଲ ଆଏଲେ ନାଇଁ ପାରେ
ଆଁଖି ମୁକ୍‌ଲି ।

ମହୁଲ ବେଟୁ ବେଟୁ
ସୁରତା ଚହଲି ବିହିଲି
ଶରଧା ଗିର୍‌ଧା ଗୀତ ପଦକ
ଟୁଁଡୁ କଲେ କଲେ ଯାଏସି ଛିଫଲି
ଦିହି ଢ଼ପା ଠାନେ
ଠଟେଇ ହେଲେ ଅଙ୍ଗଲି
ମହୁଲିଆ ଉକିଆ ଚହଲି ଚହଲି
ମୁନୁଷ ମୁନୁଷ ବାସନା ଚାର୍‌ହି କୁତି
ଆର ଝନେ ମୁନୁଷ ଆଏସି ଉପଲି ।

ନାଇଁ ହଏ ବଛରକୁତି ଭୁଲି
କୁଟୁମର ଜଂଜାଲ ପେଟ କଲବଲ
ନାଇଁ ହଏ କହି
ଯାକେ ତାକେ ଖୁଲି
ଫେନ୍ ବଛର କେ ବଛର
ବଉଲ ଆଏସି କିନ୍ଦରି ବୁଲି
କେଭେ କେନ୍ତା
କଲ୍‌ମି ଆମଗଛ ଉପରୁ
ଆଏଁଖ ଆଏସି ଚହଲି
ବଉଲ ଆଏବା ବଲି ।।



### କଥାନି

ଏକ୍‌ଲା ଡେଙ୍ଗା ତେତେଲ ଗଛ..
ଏଭେକା, ଏଛେନ୍ ବି ଝୁଲୁଛନ୍
ଢ଼େଁଡ଼ା ଢ଼େଁଡ଼ା ମୁଁଡ଼ା ମୁଁଡ଼ା ଭାଦ୍‌ଲି ବାଗିର
ସୁରତାର କଥାନି
ତୁଇ ଏଖେଇ ପାରବୁ ଚିହ୍ନି
ପତର ଝରା ଦିହି, ଝରନେ ଅଖଲେଇ
ଚିହ୍ନା ବନା କେତେ ଜୁହ୍ନା, ପାରବୁ ଜାନି
କଥାନିର କଥାନି କି ବଖାନି ।

ବଉଲିଆ ଧୁକା ଆଏଲେ
ଲେଡି ରଂଗିଆ ଗାଗରର କପାଟ,
ମୁର୍‌ଚାଖିଆ ଶିକ୍‌ଲି,
ଧଡ଼୍‌ଧାଡ଼ ଯାଏସି ଖୁଲି
କଥାନିମାନେ ହୁରହୁରିଆ ଧୁକା
ଯେତ୍‌କ ଢ଼ାପି ଚୁଟି ରଖୁଥିଲେ ବି
ବଉଲ ବାସନା ଥି ଯାଏସି ଚହଲି ।
ନାଇଁ,
ନାଇଁହେଲା ନାଇଁ
ଯେନ୍ କଥାନି ହଉଛନ୍ ଯାହିଁତାହିଁ
ଖୁଲାମେଲାନେ ନାଚୁଥୁବେ
ସୁରତାର ଲାଏଟ୍ ପକେଇ
ଖୁଲାମେଲା କେ କାଏଁ ରୋଷ୍
ଖୁଲମ୍‌ଖୁଲା ତ' ଶୋଷ୍
ଶୋଷର କାଏଁ ଦୋଷ୍
ବତ୍‌ରି କିର୍‌ହା
ଡେନା ବାନ୍ଧ୍‌ବା ଏକା ବାନ୍ଧ୍‌ବା
ଅଢ଼ୋପାନି ନିଦାନ
ବଖ୍‌ରେ ଘର ତା'ର କାଜେ
କେଭେ ନାଇଁ ହଏ ବନେଇ
ମାଟିର କିର୍‌ହା ଆକାଶର ତଲେ ତ'
ମାଏଟ୍ କେ ଆଏବା ଏକା ଫିରି ।

ଗଲା କଥା ଗଲାନ'
ବଏଲେ, କାଏଁ କାହାକେ ଅଜନା
ରତୁର ମୁଡ଼େ ଦିହର ପରେ ଝର୍‌ନା
ବଉଲିଆ ଛଲ୍‌ଛଲା ମନ୍ ମଏନା
ଖେନ୍ଦା ଖେନ୍ଦା କଥାନି
ଖୁପା ଖୁପା ଛତି,
ଖୁପେ ଇଛାର କୁଁଡି
ଛାତି ଖୁପୋ ମହନି
ହେଲୁଆ
ଦରଖଁଡ଼ିଆ ରାଏତ କେ
ଧଏଲେ ଆବରି
ସୁରତା କାଏଁ ହେବା
ସତରର୍ ଧାଙ୍ଗରି ।

ହେଲା ହେଲା, ଥଉ ଥଉ....
ସୁରତା, ଅଁଟାର କରାଟ ନ'
ଯେତ୍‌କ ହେବା ଜୁହ୍ନା ପୁରନା
ମହକିବା ନ' ।

ବହଲ୍ ଅଂଧାର ଏନ୍ତା ବହଲିଆ
ଛିନାଛକା ପାପ
ମାଟିର ଗନ୍ଧ ଏନ୍ତା ଟାନ୍
ଗାଗରର ଖାପ ।

ଧୁକାର ଲହରି ଏନ୍ତା ଲହରିଆ
କଥାନିର ଛାପ
ବେତାଲର ଖଁନ୍ଦଗୁରା ଏନ୍ତା ଝୁରା
ଗାଗରର ଖଁଦେ କଥାନି
ତୁଇ ଏକା ପାରବୁ ଜାନି
ତୁଇ ଏକା ପାରବୁ ଚିହ୍ନି ।।

### ସୀତୟା

ମୁଇଁ ତ' ସମରପନି
ଦୁଖ ସୁଖ ହଁସି ଖୁସି
ମୁଇଁ ଅପନେ ଏକା ବୁଝାମନା
ମନଚାହି ପକାଲେ ପାହା
ସଂଦେହର୍ ଭୁତ ହେସି ଠିଆ ।

ମୁଇଁ ତ' ଜୁଏର ଜୁଏ
ହିଁସଲା ବାତନି କେ କେନେ ମୋର ଭଏ
ଜଳିଛେଁ, ଜାଳିଛେଁ, ମନ ଭିନ୍‌ଭିନା
ସଫା ବଧିଆ ମନସା କରପଡ଼ା
ସଁକଲା ବେଟଲା ପୁରୁନ୍ ଭାବ ଦର୍‌ପୁଡ଼ା
ସଁପିସାରି ଦିଛେଁ ଏକମନ ଏକତନ
ବୁହିଛେଁ ମହାସତୀର ବାନା ।
ଗାଗର ଜୁଏ ଖପରା
ପୁର୍‌ଗି ଦେଲି କଁଲି ରୁଷା ଫୁଲା
ରାଜାଡ଼ି ବେଭାର୍ ଯେତ୍‌କ ଢିଲା ମେଲା
ତିନ୍‌ଟା ଶାଶେ ଫଟାପନା
ଗୁଲ୍‌ଗୁଲା ସୁଲ୍‌ସୁଲା
ଅପନା ପନର ଝକେର୍ ଧରେଇ
ବୁତ୍‌ରେଇ ଦେଲିଁ ମହା କୋଶଲର
ସବୁ ଉଖରା ମାଟିର୍ ଚତ୍‌ରା ।

ମହାରାନୀ ପନର ଡାହି ପଖରା
କୁଟ୍ ତରିଆ ଗରେଲ ନେଲା ଉଡ଼େଇ
ପହିଲ୍ ପହରିଆ ରାତିର ସପନ
ବେଲ୍ ଉଦାକେ କେଚ୍‌କେଚା
ଦୁଖାର ଚଡ଼କ୍ ଏକା ନିଜର ସରସା
ଉଖୁମ୍ ଉଖୁମ୍ ଦିହଁର ଚୁଲହି ବସେଇ ।

ରାଏତ୍ ବୁପ୍‌ରି ଯୁହା ମାରି
କନ୍‌କନି ଶୀତ ପାଟ ଶାଢ଼ୀ ପିନ୍ଧି
ବୁଗ୍‌ବୁଗା ତରାକେ ଗଜରା ପକେଇ
ଝୁମ୍‌ରାର କଷାଡ଼ି ଗାତ୍ ମୁନ୍ଦଲଉ ମୁନ୍ଦଲଉ
ଏକଲା ଦୁକଲା ମୋର ଗେଲେହି ସପନ
ବିଷ୍‌ମାଦିଆ କଟ୍‌କଟା ଝାରେ
ବନାଲହ ମାଡ଼ି ଧରସା ନୁରୁ ଥିବାର ।

ମୁଇଁ ଲାଖ ଲାଖ କୁଟି ଥର
ଜଲୁଛେଁ ହିଁସ୍‌ଲା ହୁଇଲି ଜୁଏଥି
ଅକଲନା ମାଏଝିକର ପୁଡ଼ା କପାଲ
ଜଲୋ ଜଲୋ ଦିଶୁଛେ
ଆଁଖିର ଦରପନେ
ନାଇଁ ଛିଁଏ ମକେ ଅନ୍‌ମୁନଷିଆ ମରନ
ସମିଆଁ କପଲେଇଛେ ମାନ ମହତ
ମରିଛେଁ ଜିଁ ଜିଁ ଅଠିପହର
ଜିଁଛେଁ ମରି ମରି ହର୍‌ଘଡ଼ି
ମୋର ଦେହକର୍ ଜୀବ୍‌ନେ ।

ତମେ ତ ମୁର୍‌ଧାନୀ ମୁନୁଷ୍
ମୁନୁଷ୍ ପନେ ବଖା
ବିତ୍‌ବିତା ମେଘର ଛାଏଁକେ ଜାନି ଚିହ୍ନି
ଛୁଟା କଥାକେ କେନ୍ତା ଉବ୍‌ଝରା
ଛ' ଛାର ହିଁସ୍‌ଲା ତ' ମହରା
ବୁଝି ବୁଝି ହେଇଛ ଅବୁଝା ।

ମୁଇଁ ସିନେ ମାଟିର ପୁତଲି
ସୁନା ଫୁଲିଆ ଗାଗର ଫୁଲ ପରା କଁଲି
ଜୁଏ ଏନ୍ତା ଜୁଲୁଥିଲିଁ
ସେ ଜୁଏ ମକେ ଦେଲା ଜାଲି
ଦୁଖ୍ ଯାତ୍‌ନା ମୋର ହରମେସା ଜୁଲି
ଜାନି ଜାନି କାଁ'ଯେ ଚଲଉଛ
ଶୁଖା ଖଡ଼୍‌ଖଡ଼୍ ନଏଁଦର
ରଟ୍ ତତ୍‌ଲା ବାଲି ।।



## ଜିଲ୍ଲା ଜୁନିଅର ରେଡକ୍ରସ ତରଫରୁ ବିଶ୍ୱ ପରିବେଶ ଦିବସ ପାଳିତ

ସୁବର୍ଣ୍ଣପୁର, (ନିପ୍ର) : ଜିଲ୍ଲା ଜୁନିଅର ରେଡକ୍ରସ ଆନୁକୂଲ୍ୟରେ ସ୍ଥାନୀୟ ଜୟ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟଠାରେ ଜୁନିଅର ରେଡକ୍ରସ ୟୁନିଟ ତରଫରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ଲୋକନାଥ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡା. ରାଧାକାନ୍ତ ଗଡତିଆ ମୁଖ୍ୟଅତିଥି ଭାବରେ ଯୋଗଦେଇ ବୃକ୍ଷରୋପଣ ହିଁ ପୃଥିବୀରେ ପାରିସ୍ଥିତିକ ସନ୍ତୁଳନ କରିବାରେ ସକ୍ଷମ, ପରିବେଶ ଆମର ଏବଂ ଆମେ ପରିବେଶର ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ଜୁନିଅର ରେଡକ୍ରସର ଉପ ସଭାପତି ଗତିକୃଷ୍ଣ ମିଶ୍ର, ସ୍ଥାନୀୟ ସରପଂଚ ସୁବାଷ ତାଣ୍ଡି, ସମିତି ସଭ୍ୟା କୌଶଲ୍ୟା ସୁନା ଯୋଗଦେଇ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ଜୁନିଅର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତ ଏବଂ ବରିଷ୍ଠ ସାଧନ କର୍ମୀ ତଥା ଖରଙ୍ଗୁରା ହାଇସ୍କୁଲର ଜୁନିଅର ରେଡକ୍ରସ ପରାମର୍ଶଦାତା ଚନ୍ଦ୍ର ଶେଖର ମହାପାତ୍ର ମିଳିତ ଭାବରେ ପରିଚାଳନା କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ୨୦



ଗୋଟି ଚାରା ରୋପଣ କରାଯାଇଥିଲା ଏବଂ ଆଗାମୀ ଦିନରେ ଏହାର ସୁରକ୍ଷା କରିବାକୁ ଉପଯୁକ୍ତ ପଦକ୍ଷେପ ନେବାକୁ ମତ ପ୍ରକାଶ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱନାଥ ସାହୁ, ବୀରେନ୍ଦ୍ର ପାତ୍ର, ଲଳିତା ମେହେର, ପ୍ରଫୁଲ୍ଲ ଦୀପ, ସୁଶିଳ ମହାପାତ୍ର, ଅଶୋକ ଷାଣ୍ଢ, ଲକ୍ଷ୍ମଣ ଥନାପାତି, ହର୍ଡୋଖୋଲ ହାଇସ୍କୁଲର ପରାମର୍ଶଦାତା ଯଶୋବନ୍ତ ପୁଟେଲ, କମିଟି ସଦସ୍ୟ ରଂଜନ କୁମାର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ଗୋପିନାଥ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ସେହିଭଳି ସ୍ଥାନୀୟ ପଂଚାୟତ ଉଚ୍ଚ ବିଦ୍ୟାଳୟ, ଧର୍ମଶାଳା ପ୍ରାଙ୍ଗଣରେ ମଧ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡା. ରାଧାକାନ୍ତ ଗଡତିଆଙ୍କ ନେତୃତ୍ୱରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଧର୍ମଶାଳା ହାଇସ୍କୁଲର ପ୍ରଧାନଶିକ୍ଷକ ଲୋକନାଥ ମେହେର, ଜିଲ୍ଲା ଜୁନିଅର ରେଡକ୍ରସର ଭାଇସ ଚେୟାରମ୍ୟାନ ଗତିକୃଷ୍ଣ ମିଶ୍ର, ବରିଷ୍ଠ ସାଧନକର୍ମୀ ଚନ୍ଦ୍ରମଣି ବାଘ, ଝସକେତନ ମେହେର ପ୍ରମୁଖ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

## ଇମ୍ରାନ ଖାନ କହିଲେ – ଯଦି ନିର୍ବାଚନ ଘୋଷଣା ନହୁଏ ତେବେ ପାକିସ୍ତାନରେ ଗୃହଯୁଦ୍ଧ ଆରଂଭ ହୋଇପାରେ



ଇସ୍‌ଲାମାବାଦ : ଏପ୍ରିଲରେ ପାକିସ୍ତାନର ଶାସନରୁ ବହିଷ୍କୃତ ହୋଇଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ବୁଧବାର ଏକ ସାକ୍ଷାତକାରରେ ଏକ ବଡ଼ ବିବୃତ୍ତି ଦେଇଛନ୍ତି । ଇମ୍ରାନ 'ବୋଲ ନ୍ୟୁଜ'କୁ ଦେଇଥିବା ଏକ ସାକ୍ଷାତକାରରେ ଚେତାବନୀ ଦେଇଛନ୍ତି ଯେ, ଯଦି ପାକିସ୍ତାନରେ ନିର୍ବାଚନ ଘୋଷଣା ନହୁଏ ତେବେ ଦେଶ ଗୃହଯୁଦ୍ଧ ଆଡକୁ ଯାଇପାରେ । ପାକିସ୍ତାନ ତେହେରିକ-ଇ-ଇନସାଫ ନେତା ମଧ ସାକ୍ଷାତକାରରେ କହିଛନ୍ତି ଯେ, ବିରୋଧକାରୀଙ୍କୁ ସୁରକ୍ଷା ଯୋଗାଇବା ପାଇଁ ତାଙ୍କ ଦଳ ଦେଇଥିବା ଆବେଦନ ଉପରେ ସେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିଛନ୍ତି । ନିର୍ବାଚନ ଦାବୀ କରିବା ପାଇଁ ସେ ଖୁବ୍ ଶୀଘ୍ର ଆଉ ଏକ ଶୋଭାଯାତ୍ରା ଘୋଷଣା କରିବେ ବୋଲି ଇମ୍ରାନ ଖାନ କହିଛନ୍ତି । ସେ ଚେତାବନୀ ଦେଇ କହିଛନ୍ତି ଯେ, ସେମାନେ ଆଇନଗତ ଏବଂ ସାମ୍ବିଧାନିକ ମାଧ୍ୟମରେ ଆମକୁ ନିର୍ବାଚନ କରିବାକୁ ଅନୁମତି ଦେଇଛନ୍ତି କି ନାହିଁ ଆମେ ଦେଖିବୁ । ଯଦି ଏହା ନହୁଏ, ତା'ହେଲେ ଦେଶରେ ଗୃହଯୁଦ୍ଧର ପରିସ୍ଥିତି ସୃଷ୍ଟି ହେବ । ଇମ୍ରାନ କହିଛନ୍ତି ଯେ, ନେସନାଲ ଆସେମ୍‌ଲିକୁ ଫେରିବାରେ କୌଣସି ପ୍ରଶ୍ନ ନାହିଁ, କାରଣ ଏହା କରିବା ଦ୍ୱାରା ସେ ଷଡଯନ୍ତ୍ରକୁ ଗ୍ରହଣ କରିଛନ୍ତି, ଯେଉଁଥି ପାଇଁ ତାଙ୍କ ସରକାର କ୍ଷମତାରୁ ଦୂରେଇ ଯାଇଥିଲା ବୋଲି ଜଣାପଡ଼ିବ ।

## ହାର୍ଦ୍ଦିକ ପଟେଲ ବିଜେପିରେ ଯୋଗ ଦେଲେ : କହିଲେ – କଂଗ୍ରେସର ଅସନ୍ତୁଷ୍ଟ ନେତାଙ୍କୁ ବିଜେପି ସହ ଯୋଡ଼ିବେ



ଅହମ୍ମଦାବାଦ : ଗୁଜୁରାଟର ଦମ୍‌ଦାର ନେତା ହାର୍ଦ୍ଦିକ ପଟେଲ ବିଜେପିରେ ଯୋଗ ଦେଇଛନ୍ତି । ବିଜେପିରେ ଯୋଗଦେବା ପୂର୍ବରୁ ସେ ମା' ଦୁର୍ଗାଙ୍କ ପୂଜା କରିଥିଲେ ।

ବିଜେପିରେ ଯୋଗଦେବା ପୂର୍ବରୁ ସେ ସକାଳେ ଏକ ଟୁଇଟ୍ କରିଛନ୍ତି, ଯେଉଁଥିରେ ସେ କହିଛନ୍ତି ଯେ 'ମୁଁ ଦେଶ ପାଇଁ ସେବା କରିବା କାର୍ଯ୍ୟରେ ଜଣେ ଛୋଟ ସୈନିକ ଭାବରେ କାର୍ଯ୍ୟ କରିବି । ହାର୍ଦ୍ଦିକ ପଟେଲ ଟ୍ୱିଟ୍‌ରେ ଲେଖିଛନ୍ତି– 'ଜାତୀୟ ସ୍ୱାର୍ଥ, ରାଜ୍ୟ ସ୍ୱାର୍ଥ, ଜନସାଧାରଣଙ୍କ ଆଗ୍ରହ ଏବଂ ସାମାଜିକ ସ୍ୱାର୍ଥର ଭାବନା ସହିତ ମୁଁ ଆଜିଠାରୁ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛି । ଭାରତର ସଫଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ମୁଁ ଦେଶ ସେବା କାର୍ଯ୍ୟରେ ଜଣେ ଛୋଟ ସୈନିକ ଭାବରେ କାର୍ଯ୍ୟ କରିବି ।

## ହରିଶଙ୍କର ରେଞ୍ଜ ଜଙ୍ଗଲ ବିଭାଗ ପକ୍ଷରୁ ଚାଉଳବାଞ୍ଜିଠାରେ ସଚେତନତା କାର୍ଯ୍ୟକ୍ରମ

ପାଟଣାଗଡ଼, (ନିପ୍ର) : ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ଚାଉଳବାଞ୍ଜି ଠାରେ ଜଙ୍ଗଲ ବିଭାଗ ତରଫରୁ ଆମ ଜଙ୍ଗଲ ଯୋଜନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଆମ ଜଙ୍ଗଲ ଯୋଜନା ଟିମ୍ ଲିଡର ସଂଜୀବ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ହରିଶଙ୍କର ରେଞ୍ଜ ଅଧିକାରୀ ଗିରିଧାରୀ ନାଗ, ସମ୍ମାନିତ ଅତିଥି ରୂପେ ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା, ଶିକ୍ଷକ ନେତା ଧରମ ସିଂ ଧରୁଆ, ସାମାଜିକ କର୍ମୀ ଅଭୟ ତ୍ରିପାଠୀ, ଆମ ଜଙ୍ଗଲ ଯୋଜନାର ଡିଓ ତହସିଲ ବାଗ ପ୍ରମୁଖ ଯୋଗଦେଇ ଜଙ୍ଗଲ ସୁରକ୍ଷା ଓ ବନ୍ୟ ପ୍ରାଣୀ ସୁରକ୍ଷା ଉପରେ ଆଲୋକପାତ କରିବା ସହ ପରିବେଶ ସୁରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ବନ ସୁରକ୍ଷା ସମିତିକୁ ଆମ ଜଙ୍ଗଲ ଯୋଜନା ତରଫରୁ ଟେଣ୍ଟ, ଚାନ୍ଦୁଆ ସହ ରୋଷେଇ ଉପକରଣ ପ୍ରଦାନ କରିଥିଲେ । ଏହି ଅବସରରେ ବନ ସୁରକ୍ଷା ସମିତି ସଭାପତି ତୁଳସୀ ଛତ୍ରିଆ, ସୁବଳ ନିଆଲ, ବନରକ୍ଷୀ ସଂଜୀବ ପଧାନ, ଆନିମେଟର ସତ୍ୟ ବେହେରା, ବିମଳା ବାଗ ସମେତ ବନ ସୁରକ୍ଷା ସମିତି ଓ ଏସ୍‌ଏଚ୍‌ଜି ସଦସ୍ୟା ଉପସ୍ଥିତ ଥିଲେ ।

## ଛତ୍ରପୁରର ଠାକୁରାଣୀଯାତ୍ରାରେ ସାଂସଦ, ବିଧାୟକଙ୍କ ଯୋଗଦାନ



ବ୍ରହ୍ମପୁର, (ନିପ୍ର) : ଛତ୍ରପୁରର ଅଧିଷ୍ଠାତ୍ରୀ ମା' ରାମାୟାଣାମ୍ମା ଦେବୀଙ୍କ ଘଟଯାତ୍ରା ୨୩ ଦିନରେ ପହଞ୍ଚିଛି । ବୁଧବାର ସନ୍ଧ୍ୟାରେ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା, ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ଯୋଗଦେଇ ଶକ୍ତିସ୍ୱରୂପିଣୀ ମାଆଙ୍କୁ ଦର୍ଶନ କରି ବିଭୂକୃପା ଲାଭ କରିଥିଲେ । ପୌରଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ଏବଂ ଯାତ୍ରା କମିଟି ମ୍ୟାନେଜର କେ. ଚନ୍ଦ୍ର ଶେଖର ରେଡ୍ଡୀ, କମିଟିର ଅନ୍ୟ ବରିଷ୍ଠ ସଦସ୍ୟ ଯୋଗ ଦେଇଥିଲେ । ବର୍ଣ୍ଣାଢ୍ୟପଟୁଆର ଦିନକୁଦିନ ଖୁବ ସରଗରମ ହୋଇଉଠିଛି । କୁହାଯାଏ, ଦେବୀଙ୍କ ଦଶଭୁଜା ରୂପିଣୀ ଅପରୂପା ସୌନ୍ଦର୍ଯ୍ୟଶାଳିନୀ ମାଆଙ୍କୁ ଅସ୍ଥାୟୀ ମଣ୍ଡପରେ ଦେଖିଲେ ଏବଂ ସେଠି ପୂଜାର୍ଚ୍ଚନା କଲେ ଅନେକ ପୂଣ୍ୟ ମିଳେ ଓ ନିଜର ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ସେଥିପାଇଁ ବହୁଦୂର ଦୂରାନ୍ତରୁ ଦେବୀଙ୍କ ଦର୍ଶନ ନିମନ୍ତେ ବହୁ ଗଣ୍ୟମାନ୍ୟ ଅତିଥୀ ଗଣ ବିଭିନ୍ନ ପ୍ରାନ୍ତରୁ ଆସିଥାନ୍ତି । ଶ୍ରୀକାକୁଲମ, ଖୋର୍ଦ୍ଧା, ପୁରୀ, ଭୁବନେଶ୍ୱର, କଟକ ପର୍ଯ୍ୟନ୍ତ ବହୁ ପୂର୍ବରୁ ସାଂସ୍କୃତିକ, ବାଣିଜ୍ୟିକ, ଧାର୍ମିକ ସମ୍ପର୍କରେ ଆସିଥିବା ଅନେକ ପରିବାରର ଲୋକମାନେ ମାଆଙ୍କ ଲୀଳା ଦେଖିବା ପାଇଁ ଥର ଟିଏ ହେଲେ ଆସିଥାନ୍ତି । ଦେଶ ବିଦେଶରେ ରହୁଥିବା ପ୍ରବାସୀ ଗଞ୍ଜାମ ତଥା ଦକ୍ଷିଣାଞ୍ଚଳ ବାସିନ୍ଦାର ଲୋକେ ଯେ, କି ଏହି ମହନୀୟ ସଂସ୍କୃତିର ମହତ୍ତ୍ୱପୂର୍ଣ୍ଣ ତତ୍ତ୍ୱ ସମ୍ପର୍କରେ ଅବଗତ ହୋଇଥିବେ, ସେମାନେ ବି ସୁଯୋଗ ଉଣ୍ଡିଲେ ଥର ଟିଏ ହେଲେ ଆସି ଯାତ୍ରା ସମୟରେ ଦେବୀଙ୍କ ଦର୍ଶନ କରିଯାଇଥାନ୍ତି ।

# ଜ୍ଞାନଜ୍ୟୋତି ପବ୍ଲିକ୍ ସ୍କୁଲରେ ବିଶ୍ୱ ପରିବେଶ ଦିବସ ପାଳନ

ରାଉରକେଲା, (ନିପ୍ର) : ସେକ୍ଟର ୧୯ସ୍ଥିତ ଜ୍ଞାନଜ୍ୟୋତି ପବ୍ଲିକ୍ ସ୍କୁଲଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ସ୍କୁଲର ଅଧ୍ୟକ୍ଷ ଜଳଧର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ରା ବ୍ଲକ ସହ ଶିକ୍ଷାଧିକାରୀ ସତ୍ୟଭାମା ବେହେରା ମୁଖ୍ୟଅତିଥି, ଜର୍ଣ୍ଣାଲିଷ୍ଟ ଆସୋସିଏସନ୍‌ର ଉପସଭାପତି ତଥା କବି କୁଞ୍ଜବିହାରୀ ରାଉତ ମୁଖ୍ୟବକ୍ତା ଓ ନନ୍ଦିତା ଦତ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଶ୍ୱ ପରିବେଶ ଦିବସ ପାଳନର ଆବଶ୍ୟକତା ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ ।

ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ କହିଲେ ଯେ ପ୍ରଦୂଷିତ ପରିବେଶ ଜୀବନକୁ ପ୍ରଭାବିତ କରିଚାଲିଛି । ପରିବେଶ ପ୍ରତି ଆମର ଉଦାସୀନ ମନୋଭାବ ପରିବେଶକୁ ଅଧିକରୁ ଅଧିକ ବିଷାକ୍ତ କରି ଜନସାଧାରଣଙ୍କ ଜୀବନ ଧାରଣରେ ସମସ୍ୟା ସୃଷ୍ଟି କରୁଛି । ମଣିଷ ତା'ର ବିକାଶ ପାଇଁ ବୃକ୍ଷଲତାକୁ ବଳି ପକାଉଛି । ଯେଉଁ ପରିମାଣରେ ଗଛ କଟାଯାଉଛି, ସେହି ପରିମାଣରେ ବୃକ୍ଷ ରୋପଣ କରାଯାଉନାହିଁ ।



ଆମ୍ଭମାନଙ୍କର ଏହି ମନୋଭାବ ଯଦି ନ ବଦଳେ ତେବେ ନିକଟ ଭବିଷ୍ୟତରେ ଅମ୍ଳଜାନ ବିନା ଜୀବନ ଦୁର୍ବିସହ ହୋଇପଡିବ । ଯାହା ପାଇଁ ସମସ୍ତେ ସଚେତନ ହୋଇ ପରିବେଶକୁ ସୁରକ୍ଷା ପାଇଁ ଆଗେଇ ଆସିବା ଉଚିତ ବୋଲି ମତ ରଖିଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ନମ୍ରତା ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଶ୍ରୀ ମହାପାତ୍ର ଅତିଥିଙ୍କ ପରିଚୟ ପ୍ରଦାନ ପରେ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ ସହ ପରିବେଶ ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ମୁଖୀ, ଛାତ୍ର ଛାତ୍ରୀ ସୁମନ ପଲାଇ, ଆନନ୍ଦ ମଲ୍ଲିକ, ସୋନାକ୍ଷୀ ଖୁଣ୍ଟିଆ ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ ସୁଶ୍ରୀ କରନଜିତ କୌର ପରିବେଶ ସୁରକ୍ଷା ପାଇଁ ଶପଥ ପାଠ ଓ ସୁଶ୍ରୀ ସ୍ମୃତିଶ୍ରୀୟା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଉପାଧ୍ୟକ୍ଷ ଲଲାଟେନ୍ଦୁ ମହାନ୍ତି, ସ୍କାଉଟ୍ ମାଷ୍ଟର ସୁଜିତ୍ ମହାନ୍ତି, ସରିତା ନାୟକ, ଜଲି କାରୁଆ, ସ୍ମିତି ନାଥ, ସୁବ୍ରତା ଦାସ, ନମିତା ପଲାଇ, ସ୍ୱତନ୍ତ୍ର ନାୟକ, ମନିଷ ବେହେରା, ପ୍ରମିଳା ରାଉତ, ସୁପ୍ରଭା ମହାନ୍ତି, ଜ୍ୟୋତିରେଖା ପଣ୍ଡା, ମମତା ପରିଡା, ଶ୍ରୀଲେଖା ବେନୁଗୋପାଲ, କାଶୀ ଭେଙ୍କଟରତ୍ନମ, ସୁନିତା ମାହାତୋ, ଶୁଭଲକ୍ଷ୍ମୀ ଦାସ, ସମାଜସେବୀ ନିରଞ୍ଜନ ସାମଲ, ଶିବଶଙ୍କର ଦତ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଅତିଥିମାନେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିଥିଲେ ।

# ସହର ସାରା ମାଳ ମାଳ ବୁଲା କୁକୁର : ଝୁଣି ଖାଇ ଦେଉଛନ୍ତି କଅଁଳା ବାଛୁରୀ



ବଲାଙ୍ଗିର, (ନିପ୍ର) : ଏବେ ସହର ସାରା ମାଳ ମାଳ ବୁଲା କୁକୁର । ଏକ କଅଁଳା ବାଛୁରୀକୁ ବୁଲା କୁକୁରମାନେ ଝୁଣି ଖାଇ ଦେଇଥିବା ଭଳି ଏକ ଦୁଃଖଦ ଖବର ମିଳିଛି । ସୂଚନା ଅନୁସାରେ ଗତ ଦୁଇ ଦିନ ତଳେ ସ୍ଥାନୀୟ ଶାନ୍ତିପଡ଼ାରୁ ସିଆର୍‌ପିଏଫ୍ କାର୍ଯ୍ୟାଳୟ ଆଡ଼କୁ ଯାଇଥିବା ମୁଖ୍ୟ ରାସ୍ତା କଡ଼ରେ ରହିଥିବା ବିଲ ଭିତରେ ଦିନ ଦି'ପହର ସମୟରେ ଏକ ଗାଇ ଛୁଆ ଜନ୍ମ କରୁଥିବା ବେଳେ ପ୍ରାୟ ୧୨ରୁ ଅଧିକ ବୁଲା କୁକୁର ରୁଣ୍ଡ ହୋଇ ନବଜନ୍ମିତ କଅଁଳା ବାଛୁରୀକୁ ଝୁଣି ଖାଇ ଦେଇଥିଲେ । ବୁଲା କୁକୁରମାନେ ଏତେ ଆକ୍ରମକ ଥିଲେ ଯେ ମାତ୍ର ଅଧ ଘଣ୍ଟା ଭିତରେ ନବଜନ୍ମିତ ବାଛୁରୀର ଆଉ ଚିହ୍ନବର୍ଣ୍ଣ ଛାଡ଼ି ନଥିବା ଆଲୋଚନା ହେଉଛି । ତେବେ ବୁଲା କୁକୁରମାନଙ୍କ ଦୌରାତ୍ମ୍ୟ ସହରରେ ଦିନକୁ ଦିନ ବଢୁଥିବା ବେଳେ ବୁଲା କୁକୁରଙ୍କ ମୁହଁରେ ନବଜନ୍ମିତ ମୃତ ଶିଶୁଙ୍କ ଶବକୁ ନେଇ ମଧ୍ୟ ଅନେକ ସମୟରେ ସହରରେ ଚାଂଚଲ୍ୟ ସୃଷ୍ଟି ହୋଇଛି । ଦିନକୁ ଦିନ ଅସମ୍ଭାଳ ଭାବରେ ବଢ଼ି ଚାଲିଛି ବୁଲା କୁକୁରଙ୍କ ସଂଖ୍ୟା । ଏଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଉଚିତ୍ ପଦକ୍ଷେପ ନେବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ କିଛି ବର୍ଷ ତଳେ ବୁଲା କୁକୁରଙ୍କ ବଂଶବୃଦ୍ଧିକୁ ରୋକିବା ପାଇଁ ସ୍ଥାନୀୟ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ପରିସରରେ ଏକ 'ଆନିମଲ୍ ବାର୍ଥ କଂଟ୍ରୋଲ' ବିଲ୍‌ଡ଼ିଂ ବଲାଙ୍ଗିର ପୌରପାଳିକା ପକ୍ଷରୁ ତିଆରି ହୋଇଥିଲେ ମଧ୍ୟ ତାହା ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ବିଭାଗକୁ ହସ୍ତାନ୍ତର ହୋଇନାହିଁ ଏବଂ ଏଥିପାଇଁ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇନାହିଁ । ତେବେ ଏହି 'ଆନିମଲ୍ ବାର୍ଥ କଂଟ୍ରୋଲ' ସେଂଟର୍‌କୁ ତୁରନ୍ତ କାର୍ଯ୍ୟକ୍ଷମ କରାଯାଇ ବୁଲା କୁକୁରମାନଙ୍କ ଅସମ୍ଭାଳ ବଂଶବୃଦ୍ଧି ରୋକିବା ଦିଗରେ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି ।






## ଜୁନ ମାସ ପାଇଁ ବଲାଙ୍ଗିର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ବଲାଙ୍ଗିର, (ନିପ୍ର) : ଜୁନ୍ ମାସ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଧାର୍ଯ୍ୟ କରାଯାଇଛି । ତଦନୁସାରେ ମାସର ପ୍ରଥମ ସୋମବାର ୬ ତାରିଖ ଦିନ ବଲାଙ୍ଗିର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ, ଦ୍ୱିତୀୟ ସୋମବାର ୧୩ ତାରିଖ ଦିନ ଗୁଡ଼ଭେଲା ବ୍ଲକ କାର୍ଯ୍ୟାଳୟ ଠାରେ, ତୃତୀୟ ସୋମବାର ୨୦ ତାରିଖ ଦିନ ବେଲପଡ଼ା ବ୍ଲକ କାର୍ଯ୍ୟାଳୟ ଠାରେ ଓ ଚତୁର୍ଥ ସୋମବାର ୨୭ ତାରିଖ ଦିନ ମୁରିବାହାଲ ବ୍ଲକ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସଂପୃକ୍ତ ଅଂଚଳର ଜନସାଧାରଣ ସେମାନଙ୍କର ବ୍ୟକ୍ତିଗତ ତଥା ସାମୁହିକ ସମସ୍ୟା ମାନ ଜଣାଇ ପାରିବେ । ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ସଂପୃକ୍ତ ଅଂଚଳର ଜନସାଧାରଣଙ୍କ ବ୍ୟକ୍ତିଗତ ତଥା ସାମୁହିକ ଅଭିଯୋଗ ଗୁଡ଼ିକର ଶୁଣାଣୀ କରି ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବେ । ସଂପୃକ୍ତ ଅଂଚଳର ଜନସାଧାରଣ ଏହି ଜନ ଅଭିଯୋଗ ଶୁଣାଣି ଶିବିରରେ ନିଜ ନିଜର ଅଭିଯୋଗ ଜଣାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

## ଷ୍ଟେଟ ବ୍ୟାଙ୍କ ଆର୍ସେଟି ଦ୍ୱାରା ପାପଡ, ଆଚାର ଓ ମସଲା ପାଉଡର ତାଲିମ ଉଦ୍‌ଘାଟିତ




ବଲାଙ୍ଗିର, (ନିପ୍ର) : ଷ୍ଟେଟ ବ୍ୟାଙ୍କ ଆର୍ସେଟି ଆନୁକୂଲ୍ୟରେ ବଲାଙ୍ଗିର ଜିଲ୍ଲା ପୁଇଁତଲା ବ୍ଲକ ଅନ୍ତର୍ଗତ ଫଟକରା ଗ୍ରାମରେ ଏକ ଦଶ ଦିନିଆ ପାପଡ, ଆଚାର ଓ ମସଲା ପାଉଡର ତିଆରି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପୁଇଁତଲା ବ୍ଲକର ଦୁର୍ଗା ପ୍ରସାଦ ମିଶ୍ର (ବିପିଏମ୍) ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ଏବଂ ତାଲିମ ଗ୍ରହୀତା ମାନଙ୍କୁ ତାଲିମ କାର୍ଯ୍ୟକ୍ରମକୁ ଭବିଷ୍ୟତରେ ପ୍ରକୃତ ଉପଯୋଗ କରିବା ପାଇଁ ଉପଦେଶ ଦେଇଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ଚନ୍ଦ୍ର ମୋହନ ମୁର୍ମୁ ଆର୍ସେଟିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବୁଝାଇଥିଲେ ତାଲିମକୁ କାମରେ ଲଗାଇ ରୋଜଗାର ବୃଦ୍ଧି ପାଇଁ ମତବ୍ୟକ୍ତ କରିଥିଲେ । ପ୍ରଶିକ୍ଷକ ହିମକାନ୍ତ ଶତପଥି ତାଲିମ ଗ୍ରହୀତାମାନଙ୍କର ଉତ୍ତୋରତ୍ତର ସର୍ବାଙ୍ଗୀନ ଉନ୍ନତି ପାଇଁ ଶୁଭକାମନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ Kû÷ÿ\d i j Kêuúi ]ùe Kêe ùau j eû l i ùMeK ùj Zû j ù~ùMKepûf ö @üo Kû÷ÿKaùe Zûf ö MaZûcû^ ] ^ýaû @ÿ Kepûf ö

## ବିଶ୍ୱ ପରିବେଶ ଦିବସରେ ସଚେତନତା ବାର୍ତ୍ତା ଦେଲେ ବଲାଙ୍ଗିର ଯୁଥ୍ ଏକ୍ସନ କମିଟି

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଯୁଥ୍ ଏକ୍ସନ କମିଟି ପକ୍ଷରୁ ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଶ୍ୱ ପରିବେଶ ଦିବସ ପାଳନ ଓ ଲୋକମାନଙ୍କୁ ବୃକ୍ଷ (ଚାରା) ବଣ୍ଟନ ସହ ସଚେତନତା ବାର୍ତ୍ତା ଦିଆଯାଇଥିଲା । ବଲାଙ୍ଗିରରେ ବଢୁଥିବା ଉତ୍ତାପକୁ ନଜରରେ ରଖି ଗଛକୁ ନ କାଟି ଆହୁରି ବୃକ୍ଷ ରୋପଣ କରିବା ପାଇଁ କୁହାଯାଇଥିଲା । ବଲାଙ୍ଗିର ଯୁଥ୍ ଏକ୍ସନ କମିଟି ପକ୍ଷରୁ ବଲାଙ୍ଗିର କଲେକ୍ଟର ଅଫିସ ସମ୍ମୁଖରେ ବିଶ୍ୱ ପରିବେଶ ଦିବସ ପାଳନ ଓ ବୃକ୍ଷ (ଚାରା) ବଣ୍ଟନ କରାଯାଇ ସଚେତନତା କରାଯାଇଛି ଓ ସମସ୍ତେ "ଗଛ ବଚାନ୍ତୁ ଜୀବନ ବଚାନ୍ତୁ" ନାରା ଦେଇ ସମସ୍ତଙ୍କୁ ଆହ୍ୱାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅମରେଶ ତ୍ରିପାଠୀ, ସଭାପତି, ଜିଲ୍ଲା ବାର ଆସୋସିଏସନ୍, ଏକ୍ସନ କମିଟି ଆବାହକ ଗୋପଳଜୀ ପାଣିଗ୍ରାହୀ, ଉପସଭାପତି, ମୁନା ପଟ୍ଟନାୟକ, ଯୁବ ଏକ୍ସନ କମିଟି ସଭାପତି, ବିନୋଦ କାଲସାଏ, ସଂଯୋଜକ ରିଲୁ ରଥ, ଉପସଭାପତି ପିଙ୍କୁ ବନଛୋର, ରବି ଖମାରୀ, ଶ୍ୟାମସୁନ୍ଦର ଗହିର, ଅପ୍ରମିତ ପରିଛା, ସୁମେସ ଡାଙ୍ଗ, ବିରେନ୍ଦ୍ର ପାଣ୍ଡେ, ଆଲୋକ ଭୋଇ, ସୁମିତ ଖୁଆସ, ସନ୍ଦିପ ବାଗ, ସାମ୍ବାଦିକ ସନ୍ଦିପ କୁଅଁର ପ୍ରମୁଖ ଯୋଗ ଦେଇଥିଲେ ।






Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com Koshala prabaha Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu